بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା 43

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

28 ଅକ୍ଟୋବର 2021   28 ଇଖା 1400 ହି.ଶ   21 ରବିଉଲ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اِنَّمَا یُرِیۡدُ الشَّیۡطٰنُ اَنۡ یُّوۡقِعَ بَیۡنَکُمُ الۡعَدَاوَۃَ وَالۡبَغۡضَآءَ فِی الۡخَمۡرِ وَالۡمَیۡسِرِ وَیَصُدَّکُمۡ عَنۡ ذِکۡرِ اللّٰہِ وَعَنِ الصَّلٰوۃِ ۚ فَہَلۡ اَنۡتُمۡ مُّنۡتَہُوۡنَ

(سورۃ المائدہ:92)

ଅନୁବାଦ- ସଇତାନ ତୁମମାନଙ୍କ ମଧ୍ୟରେ ମାଦକ ଦ୍ରବ୍ୟ ଓ ଜୁଆ ମାଧ୍ୟମରେ କେବଳ ଶତ୍ରୁତା ଓ ଘୃଣା ସଂଚାର କରିବା ପାଇଁ ଓ ତୁମମାନଙ୍କୁ ଅଲ୍ଲାଃଙ୍କ ସ୍ମରଣ ଓ ନମାଜରୁ ବିରତ କରିବାପାଇଁ ଇଚ୍ଛା କରେ; ଅତଏବ କ'ଣ ତୁମେମାନେ ଏଥିରୁ କ୍ଷାନ୍ତ ହେବ ନାହିଁ ? (ଅଲ୍‌ମାଇଦା: ୯୨)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ବାସ୍ତବରେ ଯେ ପର୍ଯ୍ୟନ୍ତ ମଣିଷ ମିଛ କହିବା ନ ଛାଡ଼ିଛି ସେ ପର୍ଯ୍ୟନ୍ତ ସେ ଶୁଦ୍ଧ ଓ ପବିତ୍ର ହୋଇପାରିବ ନାହିଁ । ଦୁଷ୍ଟ ଓ ସାଂସାରିକ ଲୋକେ ଏକଥା କହିଥାନ୍ତି ଯେ ମିଥ୍ୟା ବିନା ଜଣେ ବଂଚିପାରିବ ନାହିଁ । ଏହା ଏକ ନିର୍ବୋଧ କଥା ।**

**ଯେଉଁ ଲୋକମାନେ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରଷା କରିଥାନ୍ତି ଏବଂ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ଛାଡ଼ିଥାନ୍ତି, ସେମାନଙ୍କର ପରିଣାମ ଭଲହୁଏ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମିଥ୍ୟାକୁ ପରିତ୍ୟାଗ କରିବା ବିରନ ମଣିଷ ଶୁଦ୍ଧ ଓ ପବିତ୍ର ହୋଇପାରିବ ନାହିଁ

ବାସ୍ତବରେ ଯେ ପର୍ଯ୍ୟନ୍ତ ମଣିଷ ମିଛ କହିବା ନ ଛାଡ଼ିଛି ସେ ପର୍ଯ୍ୟନ୍ତ ସେ ଶୁଦ୍ଧ ଓ ପବିତ୍ର ହୋଇପାରିବ ନାହିଁ । ଦୁଷ୍ଟ ଓ ସାଂସାରିକ ଲୋକେ ଏକଥା କହିଥାନ୍ତି ଯେ ମିଥ୍ୟା ବିନା ଜଣେ ବଂଚିପାରିବ ନାହିଁ । ଏହା ଏକ ନିର୍ବୋଧ କଥା । ଯଦି ଜଣେ ସତ୍ୟ ସହିତ ବଂଚିପାରିବ ନାହିଁ ତା' ହେଲେ ମିଥ୍ୟା ଦ୍ୱାରା କଦାପି ବି ନୁହେଁ । ପରିତାପର ବିଷୟ ହେଉଛି ଏହା କି ଏପରି ଦୁର୍ଭାଗ୍ୟପୂର୍ଣ୍ଣ ଲୋକେ ଈଶ୍ୱରଙ୍କର ସମ୍ମାନ ହିଁ କରିନଥାନ୍ତି । ଏମାନେ ଏକଥା ଜାଣନ୍ତି ନାହିଁ ଯେ ଅଲ୍ଲାଃଙ୍କ ଅନୁଗ୍ରହ ବିନା ବଂଚାଯାଇପାରିବ ନାହିଁ । ଏମାନେ ମିଥ୍ୟାର ଅପରିଚ୍ଛନ୍ନତାକୁ ନିଜର ଠାକୁର ଏବଂ ସଙ୍କଟମୋଚନ ରୂପେ ବିବେଚନା କରିଥାନ୍ତି । ସେଥି ସକାଶେ ସର୍ବଶକ୍ତିମାନ ଅଲ୍ଲାଃ ମିଥ୍ୟାକୁ ପ୍ରତିମାର ଅଶୁଦ୍ଧତା ସହିତ ମିଶାଇ ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣନା କରିଛନ୍ତି । ଏକଥା ନିଶ୍ଚିତ ରୂପେ ଜାଣି ରଖ ଯେ ଆମେ ଗୋଟିଏ ପାଦ କଣ ଗୋଟିଏ ବି ନିଶ୍ୱାସ ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହ ବିନା ନେଇପାରିବା ନାହିଁ । ଆମ ଶରୀରରେ କେତେ କଣ ଶକ୍ତି ଓ ସାମର୍ଥ୍ୟ ରହିଛି କିନ୍ତୁ ଆମେ ଆମ ଶକ୍ତି ଦ୍ୱାରା କ'ଣ ବା କରିପାରିବା ? କିଛି ବି ନୁହେଁ ।

### ଈଶ୍ୱରଙ୍କ ଉପରେ ଭରଷା ରଖିବାର ଅର୍ଥ

ଯେଉଁ ଲୋକମାନେ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରଷା କରିଥାନ୍ତି ଏବଂ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ଛାଡ଼ିଥାନ୍ତି, ସେମାନଙ୍କର ପରିଣାମ ଭଲହୁଏ ନାହିଁ । ଏହାର ଅର୍ଥ ନୁହେଁ ଯେ ସୁବ କିଛି ଛାଡ଼ି ଛୁଡ଼ି ଦେଇ ବସି ରହିବାର ନାମ ହେଉଛି ଈଶ୍ୱରଙ୍କ ଉପରେ ଭରଷା କରିବା । ସାଧନଗୁଡ଼ିକୁ ବ୍ୟବହାରରେ ଆଣିବା ଏବଂ ଈଶ୍ୱର ପ୍ରଦତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବା, ଏହା ମଧ୍ୟ ଈଶ୍ୱରଙ୍କର ସମ୍ମାନ । ଯେଉଁମାନେ ଏହି ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବ୍ୟବହାର କରୁନାହାନ୍ତି ଓ କେବଳ ମୁହଁରେ କହୁଛନ୍ତି ଯେ ଆମ୍ଭେ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ବୈକୁଣ୍ଠ ଅଳସୁଆ ଲୋକମାନଙ୍କର ଠିକଣା ନୁହେଁ । ବରଂ ସେଥିରେ ରହିଥିବା ଲୋକମାନେ ବି କାମ କରିବେ । କାରଣ ଯଦି କାମ କରିବା ନଥାନ୍ତା ତା'ହେଲେ ଥକ୍କାପଣ ଓ କ୍ଳାନ୍ତ ଅନୁଭବ ହେବନାହିଁ ବୋଲି କହିବାର କ'ଣ ଆବଶ୍ୟକତା ଥିଲା**

**ବୈକୁଣ୍ଠର ସମ୍ପୂର୍ଣ୍ଣ ମଜା ଏଥିରେ ଥାଏ କି ମଣିଷ ଭାବପ୍ରବଣତାର ଦ୍ୱନ୍ଦରୁ ମୁକ୍ତ ହୋଇ ନିଜର ଉପାସନାରେ ଆନନ୍ଦ ଅନୁଭବ କରୁ । ଯେଉଁ କାର୍ଯ୍ୟରେ ଆନନ୍ଦ ମିଳିଥାଏ ସେଥିରେ କ୍ଳାନ୍ତ ଅନୁଭବ ହୁଏ ନାହିଁ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍‌ର ଆୟତ ନଂ-୪୯ **ୟମସ୍‌ସୁହୁମ୍ ଫିହା ନସବୁଁ ୱ୍ମା ହୁମ୍ ମିନ୍‌ହା ବିମୁଖ୍‌ରଜିନା** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:-

ଅଲ୍ଲାଃ ତାଲା କହିଛନ୍ତି ଯେ ଏପରି ଲୋକମାନଙ୍କୁ ବୈକୁଣ୍ଠରେ ନା କୌଣସି ପ୍ରକାରର କ୍ଳାନ୍ତି ପହଂଚିବ ଓ ନା ଏମାନଙ୍କୁ ସେଥିରୁ ବାହାର କରାଯିବ । ଏଥିରେ ଏକଥା ବତାଇ ଦିଆଯାଇଅଛି ଯେ ବୈକୁଣ୍ଠରେ ମଧ୍ୟ ମଣିଷ କାମ କରିବେ କିନ୍ତୁ ଫରକ ଏତିକି ହେବ ଯେ ସେଠାରେ ବିନାଶ ହେବନାହିଁ କାରଣ କ୍ଳାନ୍ତ ଅନୁଭବ କରିବା ହେଉଛି ବିନାଶର ଲକ୍ଷଣ । କ୍ଳାନ୍ତର ଅର୍ଥ ହେଉଛି ଏହା କି ମନୁଷ୍ୟ ଶରୀରରୁ ଚର୍ବିର କିଛି ଅଂଶ ତଥା ଅନ୍ୟ କିଛି ଉପଯୋଗୀ ଉପାଦାନ ବାହାରି ଯାଇଥାଏ ଏବଂ କ୍ଳାନ୍ତ ହେଉଛି କାର୍ଯ୍ୟ ଛାଡ଼ିବା ଓ ବିଶ୍ରାମ କରିବା ପାଇଁ ପ୍ରକୃତିର ସନ୍ତକ/ଘୋଷଣା । ମୁଁ ଏକ ଚିକିତ୍ସା ପୁସ୍ତକରେ ପଢ଼ିଛି ଯେ ହାତର ଗୋଟିଏ ଗତିରେ ମାନବ ଶରୀରର ଲକ୍ଷ ଲକ୍ଷ କୋଷିକା ନଷ୍ଟ ହୋଇଯାଉଛନ୍ତି । ଅତଏବ କିଛି ସମୟ କାମ କରିବା ପରେ ଯେତେବେଳେ କ୍ଳାନ୍ତ ଅନୁଭବ ହୋଇଥାଏ, ତାହା ଏକଥାର ସଙ୍କେତ ଦେଇଥାଏ ଯେ ଶରୀର ଏହା ଦ୍ୱାରା ବହୁତ ଶକ୍ତି ହରାଇ ବସିଛି, ଏବେ ତୁମେ ଏହି କ୍ଷତିକୁ ପୂରଣ କର । ଅତଏବ ଥକ୍କାପଣ ହେଉଛି ବିନାଶର ପ୍ରତୀକ । ସେଠାରେ କ୍ଳାନ୍ତ ଅନୁଭବ

## ନବୀ ସ:ଆ:ସଙ୍କ ବାଣୀ

### ଗରିବର ସଂଜ୍ଞା

(୧୪୭୬) ହଜରତ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି: ଯେଉଁ ଲୋକ ମୁଠାଏ ଦି ମୁଠା ଖାଇବା ପାଇଁ ଘର ଘର ବୁଲି ଭିକ ମାଗେ ସେ ଗରିବ ନୁହେଁ ବରଂ ଗରିବ ହେଉଛି ସେହି ବ୍ୟକ୍ତି ଯିଏ ଅଭାବରେ ଥିବା ସତ୍ୱେ ମଧ୍ୟ ଲାଜ କରୁଥିବ ଏବଂ ଲୋକମାନଙ୍କ ପଛରେ ପଡ଼ି ମାଗୁନଥିବ ।

### ଧନ ଅପଚୟ କରିବା ଓ ବାରମ୍ବାର ମାଗିବାକୁ ଅଲ୍ଲାଃ ପସନ୍ଦ କରନ୍ତି ନାହିଁ

(୧୪୭୭) ହଜ୍‌ରତ୍ ମାଓ୍ୱିୟା ର:ଅ ହଜରତ ମୁଗିରାଃ ବିନ୍ ଶୈବା ର:ଅଙ୍କୁ ଲେଖିଲେ ଯେ ଏପରି କୌଣସି ହଦିସ୍ ଲେଖି ପଠାନ୍ତୁ ଯାହାକୁ ଆପଣ ନବୀ ସ:ଆ:ସଙ୍କଠାରୁ ଶୁଣିଥିବେ । ଅତଃ ସେ ମାଓ୍ୱିୟାଃ ର:ଅଙ୍କୁ ଲେଖିଲେ, ମୁଁ ନବୀ ସ:ଆ:ସଙ୍କଠାରୁ ଏହା କହିବାର ଶୁଣିଛି ଯେ ମହାଭାଗ ସ:ଆ:ସ କହୁଥିଲେ: ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ତିନୋଟି କଥା ନାପସନ୍ଦ କରିଛନ୍ତି । ନିର୍ବୋଧ କଥା କହିବା, ଧନ ଅପଚୟ କରିବା ଏବଂ ଅତ୍ୟଧିକ ମାଗିବାକୁ (ଅଲ୍ଲାଃ ପସନ୍ଦ କରନ୍ତି ନାହିଁ) । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

ହେବ ନାହିଁ ବୋଲି କହି ଏହା ବତାଇଛନ୍ତି ଯେ ସେଠାରେ ଶରୀର ଦ୍ରବୀଭୂତ ହେବନାହିଁ । ଏଥିରୁ ଏହା ଜଣାପଡ଼ିଲା ଯେ ଖାଦ୍ୟ ଯାହା ଏହାର ବିକଳ୍ପ ହୋଇଥାଏ, ସେଠାରେ ତାହାର କାମ ଏହା ହେବନାହିଁ ଯେ ସେ ପୁଣି ବିନାଶ ହୋଇଯାଉଥିବା (ଉପାଦାନ)କୁ ପୁନଃ ପ୍ରତିଷ୍ଠା କରିବ ବରଂ ଅଧିକ ଶକ୍ତି ଦେବା ପାଇଁ କାର୍ଯ୍ୟ କରିବ । ସତେ ଯେପରି ସେ ସେହି ଜୀବନରେ ପଛକୁ ଫେରିବ ନାହିଁ କେବଳ ଆଗକୁ ଆଗକୁ ବଢ଼ିବ ।

ଯେହେତୁ ଏହି କ୍ଳାନ୍ତର ପରିଣାମ ଯୋଗୁଁ ଅସ୍ଥାୟୀ ବିନାଶ ହୋଇଥାଏ ଓ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ । କାରଣ ଧିରେ ଧିରେ ଶରୀରର ଶକ୍ତି ନଷ୍ଟ ହେବାକୁ ଲାଗିଥାଏ । ବୈକୁଣ୍ଠରେ ଏହି ପ୍ରକାରର କ୍ଷତି ହେବ ନାହିଁ ବୋଲି ଦର୍ଶାଯାଇଛି । ଏହା ଏଥିପାଇଁ କୁହାଯାଇଛି ଯେ ସେମାନଙ୍କୁ ସେଠାରୁ ବାହାର କରାଯିବ ନାହିଁ । ଅର୍ଥାତ ଏବେ ସେମାନଙ୍କ ପାଇଁ କୌଣସି ମୃତ୍ୟୁ ନାହିଁ ।

ମନେରଖ ଜନ୍ନତ (ବୈକୁଣ୍ଠ) ହେଉଛି ଏକ ଆଧ୍ୟାତ୍ମିକ ସ୍ଥାନ । ଯଦିଓ ଏକ ଉଦାହରଣାତ୍ମକ ଭାଷାରେ ଏହାର ସୁଖ ସାମଗ୍ରୀକୁ ସାଂସାରିକ ସୁଃଖ ସାମଗ୍ରୀ ଓ ନିଧି ସହିତ ତୁଳନା କରାଯାଇଛି କିନ୍ତୁ ବାସ୍ତବରେ ଏହାର ସୁଖ ସାମଗ୍ରୀ ଓ ନିଧି ଏପରି ରହିଥାଏ ଯେ ମଣିଷର ବୁଦ୍ଧି ଏହାକୁ ବୁଝି ହିଁ ପାରିବ ନାହିଁ । ଏହି ଆୟତରେ ଏଥିପ୍ରତି ସୂଚନା ଦିଆଯାଇଅଛି ଯେ ଏ ଦୁନିଆରେ ସେମାନଙ୍କୁ ଶଇତାନ ସହିତ ଲଢ଼ିବାକୁ ପଡୁଥିଲା କିନ୍ତୁ ସେଠାରେ (ଅର୍ଥାତ ବୈକୁଣ୍ଠରେ) ସେମାନଙ୍କୁ ଏପରି ସଂଗ୍ରାମ କରିବାକୁ ପଡ଼ିବ ନାହିଁ ଏବଂ ସେମାନଙ୍କର ହୃଦୟ ପ୍ରତ୍ୟେକ ପ୍ରକାରର ଦୁଃଖ ଓ ସନ୍ତାପରୁ ସୁରକ୍ଷିତ ରହିବ ଏବଂ ଶୈଇତାନ୍ ସେମାନଙ୍କୁ ନା ସ୍ଥାୟୀ ଭାବରେ କ୍ଷତି ପହଂଚାଇ ପାରିବ ନା ଅସ୍ଥାୟୀ ଭାବରେ ।

ଏହି ଆୟତରୁ ଏହା ମଧ୍ୟ ପ୍ରମାଣିତ ହେଉଅଛି ଯେ ବୈକୁଣ୍ଠ ଅଳସୁଆ ଲୋକମାନଙ୍କର ଠିକଣା ନୁହେଁ । ବରଂ ସେଥିରେ ରହିଥିବା ଲୋକମାନେ ବି କାମ କରିବେ । କାରଣ ଯଦି କାମ କରିବା ନଥାନ୍ତା ତା'ହେଲେ ଥକ୍କାପଣ ଓ କ୍ଳାନ୍ତ ଅନୁଭବ ହେବନାହିଁ ବୋଲି କହିବାର କ'ଣ ଆବଶ୍ୟକତା ଥିଲା ? ଅତଏବ୍ ଯେଉଁ ଲୋକମାନେ ଏହା ଭାବୁଛନ୍ତି ଯେ ବୈକୁଣ୍ଠ ହେଉଛି ଗୋଟିଏ ଖାଇବା ପିଇବା ଓ ପାର୍ଥିବ ଭୋଗ ବିଳାସର ସ୍ଥାନ ବୋଲି ସେମାନେ ଭୁଲ ଭାବୁଛନ୍ତି । ବୈକୁଣ୍ଠ ହେଉଛି ଉପାସନା କରିବାର ପ୍ରକୃତ ସ୍ଥାନ । ଯେମିତି ଅଲ୍ଲାଃ ତାଲା କହିଛନ୍ତି **ଫଦ୍‌ଖୁଲି ଫି ଇବାଦି ଓ୍ୱଦ୍‌ଖୁଲି ଜନ୍ନତି** (ସୁରଃ ଅଲ୍‌ଫଜ୍‌ର) ଅର୍ଥାତ ସିଦ୍ଧ ଉପାସନାର ସ୍ଥାନ ବୈକୁଣ୍ଠରେ ପ୍ରବେଶ କରିବାରେ ହିଁ ପ୍ରାପ୍ତ ହେବ ଏବଂ ଭକ୍ତ କାମ କରିଥାଏ, ଅଳସୁଆ ହୋଇନଥାଏ । ତେଣୁ ପ୍ରକୃତ କାମ କରିବାର ସ୍ଥାନ ହେଉଛି ବୈକୁଣ୍ଠ ଯେଉଁଠି ମଣିଷ ଏକ ସମ୍ପୂର୍ଣ୍ଣ ଭକ୍ତ ହୋଇଥାଏ । ବୈକୁଣ୍ଠର ସମ୍ପୂର୍ଣ୍ଣ ମଜା ଏଥିରେ ଥାଏ କି ମଣିଷ ଭାବପ୍ରବଣତାର ଦ୍ୱନ୍ଦରୁ ମୁକ୍ତ ହୋଇ ନିଜର ଉପାସନାରେ ଆନନ୍ଦ ଅନୁଭବ କରୁ । ଯେଉଁ କାର୍ଯ୍ୟରେ ଆନନ୍ଦ ମିଳିଥାଏ ସେଥିରେ କ୍ଳାନ୍ତ ଅନୁଭବ ହୁଏ ନାହିଁ । ସାଧାରଣତଃ ମୁସଲମାନମାନେ ବୈକୁଣ୍ଠର ନକ୍ସା ପୋର୍ ହାଉସ୍ (ଗରୀବ ଲୋକମାନଙ୍କୁ ଥଇଥାନ କରିବାର ସ୍ଥାନ) ପରି ଚିନ୍ତା କରିଥାନ୍ତି ଯେ ସେଠାରେ କିଛି କାମ କରିବେ ନାହିଁ, ଖାଇବା ମାଗଣାରେ ମିଳିବ ଓ ସେଠାରୁ କେହି ବାହାରକୁ ବାହାରି ପାରିବେ ନାହିଁ । **ଲା ହୌଲା ଓ୍ୱଲା କୁଓ୍ୱତା ଇଲ୍ଲା ବିଲ୍ଲାହିଲ୍ ଅଲିୟୁଲ୍ ଅଜିମ୍**

***(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୮୩, ମୁଦ୍ରଣ ୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଈଶ୍ୱରଙ୍କ ଉପରେ ଭରଷା ରଖୁଅଛୁ, ସେମାନେ ବି ମିଥ୍ୟାବାଦୀ । ସେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କୁ ଗୁରୁତ୍ୱ ଦେଉନାହାନ୍ତି । ସେମାନେ ଈଶ୍ୱରଙ୍କୁ ପରୀକ୍ଷା କରୁଛନ୍ତି ଏବଂ ତାହାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶକ୍ତି ଓ ସାମର୍ଥ୍ୟକୁ ନିରର୍ଥକ ମଣିଥାନ୍ତି । ଏହିପରି ଭାବରେ ସେମାନେ ତାହାଙ୍କ ନିକଟରେ ଧୃଷ୍ଟତା ଓ ଅହଙ୍କାର ଦେଖାଇଥାନ୍ତି । **ଇୟାକା ନାବୁଦୁ** (ଅର୍ଥାତ:- ଆମେ କେବଳ ତୁମ୍ଭର ହିଁ ଉପାସନା କରିଥାଉଁ)ର ଭାବାର୍ଥରୁ ଦୂରରେ ରହିଛନ୍ତି, ତା' ଉପରେ ପରିଚାଳିତ ହେଉନାହାନ୍ତି ଏବଂ **ଇୟାକା ନସ୍‌ତଇନୁ** (ଅର୍ଥାତ:- ଆମେ କେବଳ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରିଥାଉ)ର ପ୍ରକାଶ ଚାହିଁଥାନ୍ତି । ଏହା ଉପଯୁକ୍ତ ନୁହେଁ । ଯଥାସମ୍ଭବ ଶକ୍ତି ଓ ସାଧନ ବ୍ୟବହାର କରନ୍ତୁ କିନ୍ତୁ ଏହି ସାଧନଗୁଡ଼ିକୁ ଈଶ୍ୱର ଓ ସଙ୍କଟମୋଚନ ବୋଲି ନ ମଣନ୍ତୁ ବରଂ ସେଥିରୁ କାମ ହାସଲ କରି ପୁଣି ତାହାକୁ ଅଲ୍ଲାଃଙ୍କ ନିକଟରେ ଅର୍ପଣ କରନ୍ତୁ ଏବଂ ଅଲ୍ଲାଃଙ୍କ ନିକଟରେ ସଜ୍‌ଦାତେ ଶୁକର (ଅର୍ଥାତ:- ନତମସ୍ତକ ହୋଇ କୃତଜ୍ଞତା) ଜ୍ଞାପନ କରନ୍ତୁ ଯେ ସେହି ଈଶ୍ୱର ତାଙ୍କୁ ଏପରି ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୩୩ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ସୈନିକମାନଙ୍କୁ ମଧ୍ୟ ବିଜୟ ଲାଭ କରିବା ସ୍ଥଳେ ମୋଟା ଅଙ୍କର ରାଶି ପ୍ରଦାନ କରିବ ବୋଲି କଥା ଦେଇଥିଲା । ସୁତରାଂ ରୋମୀ ସୈନିକମାନେ ପ୍ରାଣ ମୂର୍ଚ୍ଛା ସଂଘର୍ଷ କରୁଥିଲେ । ଯେତେବେଳେ ରୋମୀ ସେନା ମୁସଲମାନମାନଙ୍କ ଉପରେ ଆକ୍ରମଣ କଲା ସେତେବେଳେ ସେମାନଙ୍କ ସେନାଧ୍ୟକ୍ଷ ନିଜ ସେନା ମଝିରେ ରହିଥିଲା ।

ଅକ୍‌ରମା ଚାରିଶହ ସୈନିକଙ୍କୁ ନିଜ ସାଥିରେ ନେଇ ଶତ୍ରୁର ମଧ୍ୟଭାଗରେ ପ୍ରବଶେ କରିଗଲେ । ଜଣେ ମୁସଲମାନ ରୋମୀ ସେନାଧ୍ୟକ୍ଷକୁ ତଳେ ପକାଇଦେଲା । ଏହି ଚାରିଶହ ଜଣ ମୁକାବିଲାରେ ରୋମିମାନଙ୍କର ଲକ୍ଷାଧିକ ସେନା ଘେରି ରହିଥିଲେ । ତେଣୁ ଏହି ପଦକ୍ଷେପ ନେବା ସହଜ ନଥିଲା । ସେହି ସେନାଧ୍ୟକ୍ଷକୁ ତ' ସେମାନେ ବନ୍ଧ କରିଦେଲେ ଏବଂ ତାହା ଫଳରେ ସମଗ୍ର ସେନା ବିଶୃଙ୍ଖଳିତ ହୋଇଯାଇଥିଲା କିନ୍ତୁ ଶତୃପକ୍ଷର ସେନା ମୁସଲମାନ ସୈନିକମାନଙ୍କ ଉପରେ ସଭିଏଁ ଏକା ସାଥିରେ ଆକ୍ରମଣ କରିଦେଇଥିଲେ ଯଦ୍ୱାରା କିଛିକୁ ବାଦ୍ ଦେଲେ ସଭିଏଁ ସେଠାରେ ଶହୀଦ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବାର ଜଣ ସାଘାଂତିକ ରୂପେ ଆହତ ହୋଇଥିଲେ । ଯେତେବେଳେ ମୁସଲମାନମାନଙ୍କ ବିଜୟ ପ୍ରାପ୍ତ ହେଲା ସେତେବେଳେ ସେହି ବୀରପୁତ୍ରମାନଙ୍କ ସନ୍ଧାନ କରାଯାଇଥିଲା । ସେହି ବାରଜଣଙ୍କ ମଧ୍ୟରେ ଅକ୍‌ରମା ମଧ୍ୟ ସାମିଲ ଥିଲେ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯୁଦ୍ଧ ସମାପ୍ତ ହେବା ପରେ ଯେତେବେଳେ ଜଳପାନକାରୀ ସେହି ବାରଜଣ ଆହତ ଯୋଦ୍ଧାମାନଙ୍କ ନିକଟରେ ପହଂଚିଲେ ଅର୍ଥାତ ସେହି ବାରଜଣ ଉତ୍ସର୍ଗୀକୃତଙ୍କ ନିକଟରେ ସେତେବେଳେ ସେମାନଙ୍କ ମଧ୍ୟରୁ ସମସ୍ତେ ଜଣେ ଅନ୍ୟଜଣଙ୍କ ଆଡ଼କୁ ଇଙ୍ଗିତ କରୁଥିଲା ଓ କହୁଥିଲେ ଯେ ସେ ମୋ ଅପେକ୍ଷା ଅଧିକ ଶୋଷିଲା ଅଛି ତେଣୁ ତାଙ୍କୁ ପ୍ରଥମେ ଜଳପାନ କରାଅ ଏପରି ଯେଉଁ ସୈନିକ ନିକଟକୁ ଯାଉଥିଲେ ଅର୍ଥାତ ପାଣି ପିଆଇବା ପାଇଁ ମୃତୟନ ଥିବା ସୀପାହି ଯାହାଙ୍କ ପାଖକୁ ପାଣି ପିଆଇବାକୁ ଯାଉଥିଲେ । ସେ ତାଙ୍କୁ ଅନ୍ୟ ଜଣଙ୍କ ନିକଟକୁ ପଠାଇ ଦେଉଥିଲେ । ନିଜ ଉପରେ ଅନ୍ୟକୁ ପ୍ରାଧାନ୍ୟ ଦେଉଥିଲେ । ଯେତେବେଳେ ଛାଗଲରେ ପାଣି ଧରି ଜଣେ ସୈନିକ ଅକ୍‌ରମା ର:ଅଙ୍କ ନିକଟରେ ପହଂଚିଲେ । ସେତେବେଳେ ଅକ୍‌ରମାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା । ସିପାହୀ ଜଣକ ତାଙ୍କୁ କହିଲେ ହେ ଅକ୍‌ରମା ! ମୋ ନିକଟରେ ପାଣି ଅଛି ତୁମେ କିଛି ଜଳପାନ କରିନିଅ । ଅକ୍‌ରମା ମୁହଁ ବୁଲାଇ ଦେଖିଲେ ଯେ ହଜରତ ଅବାସ୍ ର:ଅଙ୍କ ପୁତ୍ର ଫଜଲ୍ ର:ଅ ତାଙ୍କ ନିକଟରେ ପଡ଼ି ରହିଛନ୍ତି । ଅକ୍‌ରମା କହିଲେ ମୋ ମନ ମାନୁନାହିଁ ଯେ ଯେଉଁ ଲୋକମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ସାହାଯ୍ୟ କରିଥିଲେ, ସେମାନଙ୍କ ସନ୍ତାନମାନେ ଶୋଷିଲା ମରିବେ ଓ ମୁଁ ପାଣି ପିଇବି, ନୁହେଁ । ପ୍ରଥମେ ତାଙ୍କୁ ଜଲ ପାନ କରାଅ ଯଦି କିଛି ବଂଚେ ତା'ହେଲେ ମୋତେ ପିଇବାକୁ ଦେବ । ଯେତେବେଳେ ସିପାହୀ ଜଣଙ୍କ ଫଜଲଙ୍କ ନିକଟରେ ପହଂଚିଲେ, ସେ ଅନ୍ୟ ଜଣେ କ୍ଷତାକ୍ତ ଯୋଦ୍ଧାଙ୍କ ଆଡ଼କୁ ଇସାରା କଲେ ଓ କହିଲେ ଯେ ତାଙ୍କୁ ପ୍ରଥମେ ପାଣି ପିଆଓ । ଏହିପରି ସିପାହୀଜଣକ ଜଣଙ୍କ ପରେ ଜଣେ ହୋଇ ପରିଶେଷରେ ଶେଷ କ୍ଷତାକ୍ତ ନିକଟରେ ପଂହଚିଲେ ସେତେବେଳକୁ ସେ ନିଜର ଶେଷ ନିଶ୍ୱାସ ତ୍ୟାଗ କରିସାରିଥିଲେ । ପୁନଶ୍ଚ ଯେତେବେଳେ ହଜରତ ଅକ୍‌ରମାଙ୍କ ନିକଟକୁ ଫେରି ଆସିଲେ ସେତେବେଳକୁ ମଧ୍ୟ ଦେଖିଲେ ଯେ ସେ ଦେହ ତ୍ୟାଗ କରିସାରିଛନ୍ତି । ଏପରି ଯାହାଙ୍କ ନିକଟକୁ ସେ ହିଁ ଜଳପାନକାରୀ ଯାଉଥିଲେ ସମସ୍ତଙ୍କୁ ଶହୀଦ ହୋଇଯାଇଥିବାର ଦେଖିବାକୁ ପାଇଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ: ଖୁତ୍‌ବାର ଶେଷରେ କହିଲେ, ଏହି ଚର୍ଚ୍ଚାଟି ଅବ୍ୟାହତ ରହିଛି ଇନ୍‌ଶାଅଲ୍ଲାଃ ତାଲା ଆଗକୁ ମଧ୍ୟ ଏହି ଚର୍ଚ୍ଚା ଜାରି ରହିବ ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ଏକ ମହାନ ବିଜୟର ସ୍ୱାଦ ଚଖାଇଲେ**

**ୟର୍‌ମୁକ୍ ଯୁଦ୍ଧର ମହାନ ଗାଥା ଓ ସବିଶେଷ ବିବରଣୀ**

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୧୭ ସେପ୍ଟେମ୍ବର ୨୦୨୧ ଅନୁଯାୟୀ ୧୭ ତବୁକ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉମର୍ ର:ଅଙ୍କ ଖ୍ୱିଲାଫତ୍ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ମୁ ୟର୍ମୁକ ଯୁଦ୍ଧ ବିଷୟରେ ଚର୍ଚ୍ଚା କରିବି । ୟର୍ମୁକ ଯୁଦ୍ଧ ୧୫ ହିଜ୍‌ରୀରେ ଘଟିଥିଲା ଅବା ଅନ୍ୟ କେତେକଙ୍କ ମତରେ ଏହି ଯୁଦ୍ଧ ଦମିଶକ୍ ବିଜୟ ପୂର୍ବରୁ ଅର୍ଥାତ ୧୩ ହିଜରୀରେ ଲଢ଼ାଯାଇଥିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ୍ ଉମର୍ ର:ଅଙ୍କୁ ସର୍ବ ପ୍ରଥମେ ଯେଉଁ ଯୁଦ୍ଧରେ ବିଜୟ ପ୍ରାପ୍ତ କରାଯିବାର ସୁସମାଚାର ମିଳିଥିଲା ତାହା ଥିଲା ୟର୍ମୁକ ଯୁଦ୍ଧ । ସେତେବେଳେ ଅବୁବକର ର:ଅଙ୍କ ନିଧନ ହେବାକୁ କୋଡ଼ିଏ ଦିନ ବିତିଯାଇଥିଲା । ଆଉ କେତେକଙ୍କ ମତରେ ଦମିଶକ୍ ବିଜୟର ସୁସମାଚାର ସର୍ବପ୍ରଥମେ ମିଳିଥିଲା । ***(ତାରିକେ ଦମିଶକ୍.... ଖଣ୍ଡ-୨, ପୃ-୧୪୧-୧୪୩, ଦାରୁଲ୍ ଫିକର୍ ବେରୁତ ୧୯୯୫)***

ସାକ୍ଷ୍ୟ ଗୁଡ଼ିକରୁ ଏହା ହିଁ ପ୍ରତିତ ହେଉଛି ବା ସଠିକ୍ ମନେ ହେଉଛି ଯାହା ପ୍ରଥମେ ଘଟିଥିଲା ଏବଂ ଇତିହାସରୁ ଏହା ଜଣାପଡୁଛି ଯେ ୟର୍ମୁକ୍ ଯୁଦ୍ଧ ହଜରତ ଉମର୍ ର:ଅଙ୍କ ସମୟରେ ଲଢ଼ାଯାଇଥିଲା । ରୋମୀ ଦମିଶକ୍ ଓ ହିମ୍‌ସ୍‌ରୁ ପରାଜିତ ହୋଇ ଯେତେବେଳେ ସୀମାବର୍ତୀ ସହର ଅନ୍ତାକିଆରେ ପହଂଚିଲେ ଏବଂ ହିର୍‌କଲ୍‌ଙ୍କୁ ଜଣାଇଲେ ଯେ ଆରବୀୟମାନେ ସମଗ୍ର ସିରିଆକୁ ଆୟତ କରିସାରିଲେଣି ବୋଲି । ସେତେବେଳେ ହର୍‌କଲ୍ ନିଜ ଚତୁରତା ଓ ସମ୍ମାନିତ ଦରବାରୀଙ୍କ ମତାମତ ତଲବ କଲା ଯେ ଆରବବାସୀ ଯିଏ କି ତୁମ ତୁଳନାରେ ଯୁଦ୍ଧ ସରଞ୍ଜାମ ଓ ଯୁଦ୍ଧ ଲଢ଼ିବାରେ ଅନଭିଜ୍ଞ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ତୁମ ଉପରେ କିପରି ବିଜୟ ପ୍ରାପ୍ତ କରିନେଉଛନ୍ତି ? ସେତେବେଳେ ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀ ମନ୍ତ୍ରୀମଣ୍ଡଳ ଲଜ୍ୟାରେ ମୁଣ୍ଡ ନୁଆଁଇ ନେଲେ କିନ୍ତୁ ଜଣେ ଅଭିଜ୍ଞ ଓ ପ୍ରାପ୍ତ ବୟସ୍କ ବୃଦ୍ଧ ବ୍ୟକ୍ତ କହିଲେ ଆରବମାନେ ଆମ ଅପେକ୍ଷା ଚରିତ୍ରବାନ ସେମାନେ ରାତ୍ର ସମୟରେ ପ୍ରଭୁଙ୍କ ଉପାସନା କରୁଛନ୍ତି ଏବଂ ଦିନବେଳା ଉପବାସ ରଖୁଛନ୍ତି କାହା ଉପରେ ଅନ୍ୟାୟ ଅତ୍ୟାଚାର କରୁନାହାନ୍ତି । ପରସ୍ପର ସହିତ ସମଭାବାପର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଛନ୍ତି । ଏହା ବିପରୀତ ଆମର ଅବସ୍ଥା ଏମିତି ଯେ, ଆମେ ମଦ୍ୟପାନ କରୁଛେ, ଅପକର୍ମରେ ଲିପ୍ତ ରହିଛେ, ନିଜ ପ୍ରତିଜ୍ଞା ରକ୍ଷା କରୁନାହେଁ ଏବଂ ଅନ୍ୟମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରୁଛେ କିନ୍ତୁ ସେମାନେ ଅର୍ଥାତ ଆରବୀୟମାନେ ପ୍ରତ୍ୟେକ କାର୍ଯ୍ୟ ପୂର୍ଣ୍ଣ ଉତ୍ସାହ ଓ ଆତ୍ମବିଶ୍ୱାସର ସହିତ ସମ୍ପାଦନ କରୁଛନ୍ତି । କିନ୍ତୁ ଆମ କାର୍ଯ୍ୟରେ ସାହସ ଓ ଦାୟିତ୍ୱିକତାର ସ୍ଥାନ ଖାଲି ରହିଯାଇଛି ।

କୈଶର ଶିରିଆରୁ ପଳାୟନ କରିବାର ମନସ୍ଥ କରି ନେଇଥିଲା କିନ୍ତୁ ପ୍ରତ୍ୟେକ ସହର ଓ ଜିଲ୍ଲାରୁ ଇସାଇମାନେ ଅର୍ଥାତ ଖ୍ରୀଷ୍ଟଧର୍ମୀ ଚିତ୍କାରକାରୀ ଦଳଦଳ ହୋଇ ଆସି ତାଙ୍କ ନିକଟରେ ନିବେଦନ କଲେ । ଯଦ୍ୱାରା କୈଶର୍'ର ସ୍ୱାଭିମାନ ତାକୁ ଧକ୍କା ଦେଲା ତେଣୁ ସେ ବହୁତ ଉତ୍ସାହିତ ହୋଇ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି କୁସ୍ତୁନତୁନିୟା, ଆରମାନିୟା,ଅନ୍ତାକିୟା ଆଦି ଉପକୂଳବର୍ତୀ ଅଂଚଳର ପ୍ରତ୍ୟେକ ସ୍ଥାନକୁ ଆଦେଶ ପ୍ରେରଣ କରିଦେଲା ଯେ, ସମସ୍ତ ସେନାବାହିନୀ ଅନ୍ତାକିୟାରେ ଏକ ଧାର୍ଯ୍ୟ ତାରିଖରେ ହାଜର ହୋଇ ଯାଆନ୍ତୁ । ସମସ୍ତ ଜିଲ୍ଲାର ହାକିମ୍ ମାନଙ୍କୁ ପତ୍ର ପ୍ରେରଣ କରିଦେଲା ଯେ, ଯେତେମାତ୍ରାରେ ଯେଉଁ ସ୍ଥଳୁ ଲୋକେ ମିଳୁଛନ୍ତି ସେ ସମସ୍ତଙ୍କୁ ଏକାଠି କରି ସେଠାକୁ ପଠାଇ ଦିଅନ୍ତୁ । ଏହି ନିର୍ଦ୍ଦେଶନାମା ପରେ ଚତୁପାର୍ଶ୍ୱରୁ ଲୋକମାନଙ୍କର ତୋଫାନ୍ ମାଡ଼ିଆସିଲା ।

ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅଙ୍କୁ ଏହି ବିଶାଳ ସୈନ୍ୟଦଳର ଯୁଦ୍ଧ ପ୍ରସ୍ତୁତିର ସୁଚନା ମିଳିଲା । ସେତେବେଳେ ସମସ୍ତ ଅଫିସର୍‌ମାନଙ୍କୁ ଏକତ୍ରିତ କରି ବେଶ୍ ପ୍ରଭାବଶାଳୀ ଅଭିଭାଷଣ ଦେଲେ ଏବଂ ନିଜ ପ୍ରମୁଖ ନେତାମାନଙ୍କଠାରୁ ପରାମର୍ଶ ଲୋଡ଼ିଲେ । ଅମୀର୍ ମାଓିୟାଙ୍କ ଭାଇ ୟଜିଦ୍ ବିନ୍ ଅବୁ ସୁଫିୟାନ୍ ରାଏ ଦେଲେ କି ମହିଳା ଓ ପିଲାମାନଙ୍କୁ ସହରରେ ଛାଡ଼ି ଆମେ ସହର ବାହାରେ ସୈନ୍ୟସଜ୍ଜା କରିବା ଏବଂ ଆ ସହିତ ଖାଲିଦ୍ ଏବଂ ଉମର୍ ବିନ୍ ଆସ୍ ର:ଅଙ୍କୁ ଚିଠି ଲେଖାଯାଉ ଯେ ସେମାନେ ପାଲେଷ୍ଟାଇନ୍ ଓ ଦିମଶକ୍‌ରୁ ଆସି ଆମକୁ ସାହାଯ୍ୟ କରନ୍ତୁ । ଏହି କଥାରୁ ପ୍ରମାଣ ମିଳୁଛି ଯେ ଦମିଶକ୍‌ର ବିଜୟ ପ୍ରଥମେ ହୋଇଥିଲା । ଏଥିରେ ସର୍‌ହବିଲ୍ ବିନ୍ ହସନା କହିଲେ, ସହରବାସୀ ତ' ଖ୍ରୀଷ୍ଟଧର୍ମୀ ଅଟନ୍ତି । ତେଣୁ ସମ୍ଭବତଃ ସେମାନେ ଈର୍ଷା ପରାୟଣ ହୋଇ ଆମ ପିଲା ଛୁଆଙ୍କୁ ଧରି କେଶିର୍‌ଙ୍କ ହାତରେ ଟେକିଦେବେ ଅବା ନିଜେ ସୋମନଙ୍କୁ ହତ୍ୟା କରିଦେବେ । ତୁମେ ସେମାନଙ୍କ ବିରୁଦ୍ଧରେ ଛିଡ଼ା ହୋଇଯାଅ । ହଜରତ ଅବୁ ଉବୈଦାଃ ର:ଅ କହିଲେ, ତାହାର ଯୋଜନା ଏହି କି ଯେ, ଆମେ ସହରରୁ ଖ୍ରୀଷ୍ଟଧର୍ମୀମାନଙ୍କୁ ବହିଷ୍କାର କରିଦେବା । ତେବେ ଯାଇ ଆମ ପିଲାଛୁଆ ସୁରକ୍ଷିତ ରହିବେ, ଏବଂ ଏପରି ସେମାନେ ବିଦ୍ରୋହ ଆରମ୍ଭ କରି ନ ଦିଅନ୍ତୁ । ହଜରତ ଅବୁ ଉବୈଦାଃ ର:ଅ, ଖ୍ରୀଷ୍ଟଧର୍ମୀମାନଙ୍କୁ ସହରରୁ ବହିଷ୍କାର କରିଦେବା ଉକ୍ତିର ଉତରରେ ସର୍‌ହବିଲ୍ କହିଲେ ଯଦି ଏହା ହୁଏ ତାହା ହେଲେ ପ୍ରତିଜ୍ଞା ଭଙ୍ଗ ହେବ, ସେମାନଙ୍କୁ ଆମେ ଯେଉଁ ପ୍ରତିଶ୍ରୁତି ଦେଇଅଛେ ତାହା କ୍ଷୁର୍ଣ୍ଣ ହେବ । ସେତେବେଳେ ହଜରତ ଅବୁ ଉବୈଦାଃ ର:ଅଙ୍କୁ ସଙ୍ଗେ ସଙ୍ଗେ ନିଜ ଭୁଲ୍ ହୃଦୟଙ୍ଗମ ହୋଇଯାଇଥିଲା ଏବଂ ସେ ଏହାକୁ ସ୍ୱୀକାର କରିଥିଲେ, କିନ୍ତୁ ଏହି ନିଷ୍ପତି ଶେଷ ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ବୈଠକର ସାଧାରଣ ଉପସ୍ଥିତି ଏହି ମତ ପ୍ରକାଶ କରିଥିଲେ ଯେ, ହିମସ୍‌ରେ ରହି ସେନା ସହାୟତାର ଅପେକ୍ଷା କରିବା ଅର୍ଥାତ ଖଲିଫାଙ୍କ ଦରବାରୁ ଯେଉଁ ସେନା ଆମ ସହାୟତା ପାଇଁ ଆସୁଛି ତାହାର ଆମେ ଅପେକ୍ଷା କରିବା । ଏଥିରେ ହଜରତ ଅବୁ ଉବୈଦାଃ ର:ଅ କହିଲେ, ଏତେ ସମୟ କାହିଁ, ବର୍ତମାନ ଆମର ଅବସ୍ଥା ଏପରି ଯେ, ଆମେ ସର୍ବସାଧାରଣଙ୍କ ସୁରକ୍ଷା ଭାର ବହନ କରିପାରିବା ନାହିଁ । ଶେଷରେ ଏହି ନିଷ୍ପତି ନିଆଗଲା ଯେ, ଆମେ ଦମିଶକ୍ ଚାଲିଯିବା ଯେଉଁ ସ୍ଥଳେ ହଜରତ ଖାଲିଦ ର:ଅ ଉପସ୍ଥିତ ଅଛନ୍ତି ଏବଂ ସେଠାରୁ ଆରବର ସୀମା ନିକଟବର୍ତୀ ମଧ୍ୟ ରହିଛି । ଏଥିଅନ୍ତେ ହଜରତ ଅବୁ ଉବୈଦାଃ ର:ଅଙ୍କ ଆଦେଶ କ୍ରମେ ସହରବାସୀଙ୍କ ସୁରକ୍ଷା ନିମନ୍ତେ ଆଦାୟ କରାଯାଇଥିବା ଟିକସ ଅର୍ଥାତ କର ଯାହାକି ଲକ୍ଷ୍ୟାଧିକ ଟଙ୍କାର ଥିଲା ସହରବାସୀଙ୍କୁ ଫେରସ୍ତ କରିଦିଆଗଲା ।

ଏହାର ଗଭୀର ପ୍ରଭାବ ଖ୍ରୀଷ୍ଟଧର୍ମୀ ଓ ୟହୁଦୀମାନଙ୍କ ଉପରେ ପଡ଼ିଥିଲା । ଇସାଇମାନଙ୍କ ଉପରେ ଏହି ଘଟଣାର ପ୍ରଭାବ ଏପରି ପଡ଼ିଥିଲା ଯ ସେମାନେ କାନ୍ଦି କାନ୍ଦି ଆବେଗପୂର୍ଣ୍ଣ ଅବସ୍ଥାରେ ଏକଥା କହୁଥିଲେ ଯେ ଈଶ୍ୱର ତୁମମାନଙ୍କୁ ପୂନର୍ବାର ଏଠାକୁ ନେଇ ଆସନ୍ତୁ ଏବଂ ୟହୁଦୀମାନଙ୍କ ଉପରେ ଏହାର ପ୍ରଭାବ ଏଭଳି ପ୍ରଭାବ ପଡ଼ିଲା ଯେ ସେମାନେ କହିଲେ, ତୌରାତ୍‌ର ରାଣ ଯେପର୍ଯ୍ୟନ୍ତ ଆମେ ଜୀବିତ ରହିଛୁ କୈସର୍ ହିମସ୍‌କୁ ଅଧିକାର କରିପାରିବ ନାହିଁ । ଏଥିଅନ୍ତେ ସେମାନେ ସହରର ଦ୍ୱାର ବନ୍ଦ କରିଦେଲେ ଏବଂ ପ୍ରତ୍ୟେକ ସ୍ଥଳେ ପ୍ରହରା ଦେବାର ଆୟୋଜନ କଲେ । ହଜରତ ଅବୁ ଉବୈଦାଃ ର:ଅ କେବଳ ହିମସ୍ ବାସୀଙ୍କ ସହିତ ଏହି ଆଚରଣ ପ୍ରଦର୍ଶନ କରିନଥିଲେ

ଅର୍ଥାତ ସେମାନଙ୍କ ଟିକସ ଓ କର ଯାହାକି ସେମାନଙ୍କଠାରୁ ଆଦାୟ କରାଯାଇଥିଲା ସେହିମାନଙ୍କୁ ହିଁ ଫେରସ୍ତ କରିନଥିଲେ ବରଂ ସେ ଯେଉଁ ସବୁ ଜିଲ୍ଲା ବିଜୟ କରିନେଇଥିଲେ ପ୍ରତ୍ୟେକ ସ୍ଥାନର ମୁଖିଆଙ୍କୁ ପତ୍ର ପ୍ରେରଣ କରିଦେଲେ ଯେ, ସ୍ଥାନୀୟ ବାସିନ୍ଦାଙ୍କଠାରୁ ଯେତେ ପରିମାଣର ଅର୍ଥ ଆଦାୟ କରିଛ ତାହା ସେମାନଙ୍କୁ ଫେରସ୍ତ କରିଦିଅ ।

ଆହୁରି ବର୍ଣ୍ଣନା ମିଳୁଛି ଯେ, ଏଥିସଂକ୍ରାନ୍ତରେ ହଜରତ୍ ଉମର୍ ର:ଅଙ୍କ ପରାମର୍ଶ ଲୋଡ଼ାଯାଇଥିଲା ଏବଂ ହଜରତ୍ ଉମର୍ ର:ଅ ମଧ୍ୟ ନିର୍ଦ୍ଦେଶ ପ୍ରେରଣ କରିଥିଲେ ଯେ ଯଦି ତୁମେ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିପାରୁନାହଁ ତେବେ ତାଙ୍କଠାରୁ ଯେଉଁଭଳି କର ଅବା ଟିକସ ଆଦାୟ କରିଛ ସେ ସବୁ ସେମାନଙ୍କୁ ଫେରସ୍ତ କରିଦିଅ ଏବଂ ମନେରଖ ବିଜୟ ଅବା ପରାଜୟ ସେନାର ସଂଖ୍ୟାଧିକ ଅବା ସଂଖ୍ୟାଲଘୁ ଉପରେ ନିର୍ଭରଶୀଳ ନୁହେଁ । ହଜରତ ଅବୁ ଉବୈଦାଃ ର:ଅ ଦମିଶକ୍ ପହଂଚି ସମସ୍ତ ଅଫିସରମାନଙ୍କୁ ଏକତ୍ରିତ କଲେ ଏବଂ ସେମାନଙ୍କ ସହିତ ଆଲୋଚନା କଲେ । ୟଜିଦ୍ ବିନ୍ ଅବୁ ସୁଫିୟାନ୍, ସୁରହବିଲ୍ ବିନ୍ ହସନା ଏବଂ ମାଜ୍ ବିନ୍ ଜବଲ୍ ସଭିଏଁ ବିପରୀତ ରାୟ ଦେଲେ ଏତିକି ବେଳେ ଉମ୍‌ରୋ ବିନ୍ ଆସଙ୍କ ସନ୍ଦେଶବାହକ ପତ୍ର ନେଇ ଆସି ପହଂଚିଲେ ଯେଉଁଥିରେ ଲେଖାଥିଲା ଯେ, ଉର୍ଦ୍ଦୁନ୍‌ର ଜିଲ୍ଲାଗୁଡ଼ିକରେ ବିଦ୍ରୋହ ବ୍ୟାପି ଯାଇଛି ଏବଂ ରୋମୀମାନଙ୍କ ଆଗମନ ଯୋଗୁଁ ପ୍ରଚଣ୍ଡ ଉନ୍ମାଦନ ସୃଷ୍ଟି ହୋଇଯାଇଛି ଏବଂ ହିମସ୍‌କୁ ଛାଡ଼ି ଚାଲି ଆସିବା ବହୁତ ବଡ଼ ଭୁଲ ହେଲା । ଏଥି ଉତାରୁ ହଜରତ ଅବୁ ଉବୈଦାଃ ର:ଅ ଲେଖିଲେ ହିମସ୍ ଆମେ ଭୟଭୀତ ହୋଇ ଛାଡ଼ିନାହୁଁ ବରଂ ତାହାର ଉଦ୍ଦେଶ୍ୟ ଏହା ଥିଲାକି ଶତ୍ରୁ ସୁରକ୍ଷିତ ସ୍ଥାନରୁ ବାହାରି ଆସୁ ଏବଂ ଇସ୍‌ଲାମୀୟ ସେନା ଯେ କି ଭିନ୍ନ ଭିନ୍ନ ସ୍ଥାନରେ ବିଚ୍ଛୁରିତ ଭାବରେ ବାଂଟି ହୋଇ ରହିଛନ୍ତି ସମସ୍ତେ ଏକତ୍ରିତ ହୋଇଯାଆନ୍ତୁ ଯଦ୍ୱାରା ସେମାନେ ଶତ୍ରୁର ସଠିକ୍ ରୂପେ ମୁକାବିଲା କରିପାରିବେ । ଏବଂ ସେହି ଚିଠିରେ ଏକଥା ମଧ୍ୟ ଲେଖିଥିଲେ ଯେ, ତୁମେ ନିଜ ସ୍ଥାନରେ ଅଟକି ରୁହ ଆମେ ଆସି ତୁମ ସହିତ ସମ୍ମିଳିତ ହୋଇଯିବୁ । ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ସମସ୍ତ ପରିସ୍ଥିତି ଲେଖି ପ୍ରେରଣ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଏହା ଶୁଣି ମୁସଲମାନମାନେ ରୋମୀମାନଙ୍କୁ ଭୟ କରି ପଛଘୁଂଚା ଦେଇଛନ୍ତି ଅତ୍ୟନ୍ତ ମର୍ମାହତ ହେଲେ ଆପଣଙ୍କୁ ଦୁଃଖ ଲାଗିଲା, ଆପଣ ମିୟମ୍ରାଣ ହୋଇପଡ଼ିଲେ । ପ୍ରତ୍ୟୁତରରେ ଆପଣ ର:ଅ ଲେଖିଲେ ମୁଁ ଆପଣମାନଙ୍କ ସହାୟତା ନିମନ୍ତେ ସଇଦ୍ ବିନ୍ ଆସକୁ ପ୍ରେରଣ କରୁଛି । ହଜରତ ଅବୁ ଉବୈଦାଃ ର:ଅ ଦମିଶକ୍‌ରେ ପହଂଚିଥିଲେ ଯେ, ଉମର୍ ବିନ୍ ଆସଙ୍କ ତରଫରୁ ଅର୍ଦ୍ଦନରେ ବିଦ୍ରୋହ ସୃଷ୍ଟି ହେବାର ସୁଚନା ମିଳିଲା । ଫଳତଃ ପରଦିନ ହଜରତ ଅବୁ ଉବୈଦାଃ ର:ଅ ଅର୍ଦ୍ଦନ ଅଭିମୁଖେ ସୀମାବର୍ତୀ ଅଂଚଳ ୟର୍‌ମୁକ୍‌ରେ ପହଂଚିଗଲେ । ସେହି ଅଂଚଳର ପଶ୍ଚାତ ଭାଗର ଆରବ ସୀମା ନିକଟବର୍ତୀ ଥିଲା ଉକ୍ତ ସ୍ଥାନଟି ବିସ୍ତିର୍ଣ୍ଣ ଖୋଲା ପଡ଼ିଆ ଥିବା ଯୋଗୁଁ ଯୁଦ୍ଧ ଆବଶ୍ୟକତା ଅନୁଯାୟୀ ଦରକାର ବେଳେ ପଛଘୁଂଚା ଦେବା ମଧ୍ୟ ସହଜ ଥିଲା । ଯେତେବେଳେ ମୁସଲମାନମାନେ ରୋମୀମାନଙ୍କ ଯୁଦ୍ଧ ପ୍ରସ୍ତୁତି ପ୍ରସଙ୍ଗରେ ଖବର ପାଇଲେ ସେତେବେଳେ ସେମାନେ ବିଚଳିତ ହୋଇଗଲେ । ଏହି ପରିସ୍ଥିତିରେ ହଜରତ ଅବୁ ଉବୈଦାଃ ର:ଅ ପୁନଃ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ପ୍ରେରଣ କଲେ । ହଜ୍‌ରତ୍ ଉମର୍ ର:ଅ ସମସ୍ତ ଅନ୍‌ସାର ଓ ହିଜରତ୍‌କାରୀଙ୍କୁ ଏକତ୍ରିତ କରି ଏହି ପତ୍ର ଶୁଣାଇଲେ ଏଥିରେ ସମସ୍ତ ସାହାବାମାନେ କାନ୍ଦି ପକାଇଲେ ସେମାନେ କହିଲେ, ହେ ଅମିରୁଲ୍ ମୁମିନିନ୍ ଆମକୁ ଅନୁମତି ପ୍ରଦାନ କରନ୍ତୁ ଯେ, ଆମେ ନିଜ ଭାଇମାନଙ୍କ ପାଇଁ ନିଜ ପ୍ରାଣର ଆହୁତି ଦେବୁ । ହଜ୍‌ରତ୍ ଅବଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏହି ପରାମର୍ଶ ଦେଲେ ଯେ, ହଜ୍‌ରତ୍ ଉମର୍ ର:ଅ ସେନାଧକ୍ଷ ହୋଇ ସାହାବାମାନଙ୍କ ସାଥିରେ ରଣ ଭୂମିକୁ ପ୍ରସ୍ଥାନ କରିବା ଉଚିତ କିନ୍ତୁ ଅନ୍ୟ ସାହାବାମାନେ ଏହି ପ୍ରସ୍ତାବର ପ୍ରତ୍ୟାଖ୍ୟାନ କଲେ ଶେଷରେ ଏହି ନିଷ୍ପତି ସ୍ୱୀକୃତି ପାଇଲା ଯେ, ସହାୟତା ଦଳ ପ୍ରେରଣ କରିଦିଆଯାଉ । ସେତେବେଳ ସୁଦ୍ଧା ଶତ୍ରୁ ୟର୍ମୁକ୍‌ଠାରୁ ମାତ୍ର ତିନି ଚାରି ମାଇଲ ଦୂରରେ ରହିଥିଲା ଏବଂ ମୁସଲମାନମାନଙ୍କ ସାହାଯ୍ୟ ପହଂଚିବା ଅସମ୍ଭବ ଥିଲା । ହଜ୍‌ରତ୍ ଉମର୍ ର:ଅ ଏକ ଅତି ପ୍ରଭାବଶାଳୀ ଅଭିଭାଷଣ ଲେଖି ପ୍ରେରଣ କଲେ ଏବଂ ସନ୍ଦେଶବାହକକୁ କହିଲେ, ତୁମେ ନିଜେ ଯାଇ ସ୍ୱୟମ ସେନାର ପ୍ରତିଧାଡ଼ିରେ ଛିଡ଼ା ହୋଇ ପତ୍ର ପାଠ କରି ସେମାନଙ୍କୁ ଶୁଣାଇବ । ଏକଥା ମଧ୍ୟ କହିବ ଯେ, ଉମର ତୁମ ସମସ୍ତଙ୍କୁ ସଲାମ୍ କହିଛନ୍ତି ସେ କହିଲେ, ହେ ମୁସଲମାନ ବୀର ସୈନିକମାନେ ନିଃସ୍ୱାର୍ଥପର ଭାବରେ ଶତ୍ରୁର ମୁକାବିଲା କର ଏବଂ ସେମାନଙ୍କ ଉପରେ ସିଂହ ପରି ଝମ୍ପା ମାର ଏବଂ ଖଣ୍ଡାରେ ଶତ୍ରୁର ଖପୁରୀ ଉଡ଼ାଇଦିଅ । ସେମାନେ ତୁମମାନଙ୍କ ନିକଟରେ ପିମ୍ପୁଡ଼ି ସଦୃଶ ତୁଚ୍ଛ ଦୃଶ୍ୟମାନ ହେବା ଉଚିତ ସେମାନଙ୍କ ସଂଖ୍ୟାଧିକତା ତୁମକୁ ଭୟଭୀତ କରି ନ ଦେଉ । ତୁମମାନଙ୍କୁ ଯେଉଁ ସାହାଯ୍ୟ ଦଳ ଏପର୍ଯ୍ୟନ୍ତ ମିଳିନାହିଁ ସେଥିପାଇଁ ତୁମେମାନେ ବିଚଳିତ କି ମନଉଣା କରନାହିଁ । ଯେଉଁ ଦିନ ସନ୍ଦେଶବାହକ ରଣକ୍ଷେତ୍ରରେ ପହଂଚିଲେ ଭାଗ୍ୟବଶତଃ ସେହି ଦିନ ସଇଦ୍ ବିନ୍ ଆମିର ମଧ୍ୟ ଏକ ହଜାର ସୈନ୍ୟଦଳ ସହିତ ମୁସଲମାନମାନଙ୍କ ସହିତ ସାମିଲ ହୋଇଯାଇଥିଲେ । ଏତଦ୍‌ଦ୍ୱାରା ମୁସଲମାନମାନଙ୍କୁ ବହୁତ ଶକ୍ତି ମିଳିଥିଲା । ଯଦ୍ୱାରା ସେମାନେ ଅତ୍ୟନ୍ତ ଦୃଢ଼ତାର ସହିତ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲେ ।

ମାଆଜ୍ ବିନ୍ ଜବଲ୍ ଯିଏ ବଡ଼ ଉଚ୍ଚ ପାହ୍ୟାର ସାହାବି ଥିଲେ ସେ ସେନାର ଡ଼ାହାଣ ପାର୍ଶ୍ୱରେ ମୃତୟନ ହୋଇଥିଲେ । କୁବାଶ୍ ବିନ୍ ଅସିମ୍‌ଙ୍କୁ ମୈସରା ଏବଂ ହାସିମ୍ ବିନ୍ ଉତ୍‌ବାଙ୍କୁ ପଦାତିକ ବାହିନୀର ଅଫିସର ମୃତୟନ କରାଯାଇଥିଲା । ନିଜ ଆରୋହୀମାନଙ୍କୁ ହଜରତ ଅବୁ ଉବୈଦାଃ ର:ଅ ଚାରିଭାଗରେ ବିଭକ୍ତ କରିଥିଲେ । ଗୋଟିଏ ଦଳ ନିଜ ସାଥିରେ ରଖିଥିଲେ ବାକି ଦଳକୁ କୈସ ବିନ ହୁବୈରା ବିନ୍ ମସ୍‌ରୁକ୍ ଏବଂ ଉମ୍‌ରୋ ବିନ୍ ତୁଫେଲ୍‌ଙ୍କୁ ମୃତୟନ କରିଥିଲେ । ଏହି ତିନିଜଣ ସମସ୍ତ ଆରବମାନଙ୍କ ମଧ୍ୟରେ ମହାନ ବୀର ଓ ଯୋଦ୍ଧା ଥିଲେ । ଏଥିଯୋଗୁଁ ସେମାନେ ପାରସୁଲ୍ ଆରବ ବୋଲାଉଥିଲେ । ଅତଏବ ଉଭୟ ଦଳ ପରସ୍ପରର ମୁହାଁମୁହିଁ ହେଲେ ରୋମିମାନଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଅଧିକ ଥିଲା ଯେ କି ୨୪ ଗୋଟି ଧାଡ଼ିରେ ଦଣ୍ଡାୟମାନ ରହିଥିଲେ । ସେମାନଙ୍କ ସମ୍ମୁଖରେ ସେମାନଙ୍କ ଧର୍ମଗୁରୁ ସଲିବ୍ (ଅର୍ଥାତ କୃଶ)ଧରି ସେମାନଙ୍କୁ ଉତେଜିତ କରୁଥିଲେ ।

ପ୍ରାରମ୍ଭିକ ସଂଘର୍ଷ ପରେ ପ୍ରଥମ ଦିନ ରୋମୀମାନେ ପରାଜିତ ହୋଇଥିଲେ । ଖ୍ରୀଷ୍ଟଧର୍ମର ଧର୍ମଗୁରୁଙ୍କୁ ବିତ୍‌ରିକ୍ କୁହନ୍ତି, ଯେ ଏକାକୀ ଲଢ଼ିବାକୁ ଚାହୁଁଥିଲେ । ମେସ୍‌ରା ବିନ୍ ମସ୍‌ରୁକ୍ ଆଗକୁ ଘୋଡ଼ା ବଢ଼ାଇଲେ କିନ୍ତୁ ଯେହେତୁ ହରିଫ୍ ଅର୍ଥାତ ପ୍ରତିଦ୍ୱନ୍ଦ୍ୱି ଅତ୍ୟନ୍ତ ଯୁବାବସ୍ଥାରେ ଓ ସୁସ୍ଥସବଳ ଥିଲା ତେଣୁ ଖାଲିଦ୍ ରୋକି ଦେଲେ ଏବଂ କୈସ୍ ବିନ୍ ହୁବୈରାଃ ଆଡ଼କୁ ଚାହିଁଲେ । ସେ କବିତା ପାଠ କରୁଥିଲେ ଏବଂ ପାଠ କରି କରି ଆଗକୁ ଅଗ୍ରସର ହେଲେ । କୈସ୍ ଏଭଳି ଝମ୍ପା ମାରିଲେ ଯେ, ବିତ୍‌ରିକ୍ ନିଜ ଅସ୍ତ୍ର ମଧ୍ୟ ସଜାଡ଼ି ପାରିଲା ନାହିଁ ଏବଂ ତା'ର ପ୍ରହାର ମୁଣ୍ଡ ଉପରେ ପଡ଼ିଲା ଏବଂ ଗଳା ଛେଦ କରି ପାର କରିଗଲା । ଫଳତଃ ବତ୍‌ରିକ୍ ଟଳମଳ ହୋଇ ଅଶ୍ୱ ଉପରୁ ଭୂମିରେ ପଡ଼ିଗଲା । ଏଥି ସହିତ ମୁସଲମାନମାନେ ଅଲ୍ଲାଃହୁ ଅକ୍‌ବର୍‌ର ସ୍ଲୋଗାନ୍ ଦେଲେ ଖାଲିଦ୍ କହିଲେ ଆମ ଶୁଭବେଳା ଆରମ୍ଭ ହୋଇଯାଇଛି ଆଗକୁ ପ୍ରଭୁ ଚାହିଁଲେ ବିଜୟ ଆମର ହିଁ ହେବ । ଖ୍ରୀଷ୍ଟଧର୍ମାଲମ୍ବୀମାନେ ଖାଲିଦ୍‌ଙ୍କ ସାଥିରେ ଥିବା ଆରୋହୀ ଅଫିସରମାନଙ୍କ ମୁକାବିଲା ପାଇଁ ଭିନ୍ନ ଭିନ୍ନ ସୈନିକ ପ୍ରେରଣ କଲେ କିନ୍ତୁ ସେ ସଭିଏଁ ନିହତ ହେଲେ । ସେଦିନ ଏଥିରେ ଯୁଦ୍ଧ ସମାପ୍ତ ଘଟିଥିଲା । ପରବର୍ତୀ ଦିନ ରୋମୀମାନେ ଧନରତ୍ନର ପ୍ରଲୋଭନ ଦେଖାଇ ସନ୍ଧି କରିବାପାଇଁ ନିଜ ଦୂତ ପ୍ରେରଣ କରିଥିଲେ ଯେଉଁ ସନ୍ଦେଶବାହକ ଇସାଇମାନଙ୍କ ତରଫରୁ ମୁସଲମାନମାନଙ୍କ ନିକଟକୁ ଆସିଥିଲେ ତାଙ୍କ ନାମ ଜାରିଜ୍ ଥିଲା । ଉର୍ଦ୍ଦୁ ଜୀବନୀ ଲେଖକମାନେ ଜାରିଜ୍ ଲେଖିଛନ୍ତି କିନ୍ତୁ ଆରବୀ ପୁସ୍ତକରେ ତାହାର ନାମ ଯର୍‌ଜାଃ ବୋଲି ବର୍ଣ୍ଣନା ରହିଛି । ସେ ଯାହା ହେଉ ଯେତେବେଳେ ଦୂତ ମୁସଲମାନଙ୍କ ସିବିରରେ ପହଂଚିଲା ସେତେବେଳେ ମୁସଲମାନମାନେ ମଗ୍‌ରିବ ନମାଜ ପାଠ କରୁଥିଲେ । ଉକ୍ତ ଦୂତ ଜଣକ ମୁସଲମାନମାନଙ୍କର ନମାଜରେ ମଗ୍ନତା, ଶିଷ୍ଟତା, ଶାଳୀନତା ଦେଖି ଆଚମ୍ବିତ ଓ ସ୍ତବ୍ଧ ରହିଗଲା । ନମାଜ ପରେ ସେ ହଜରତ ଅବୁ ଉବୈଦାଃ ର:ଅ ଙ୍କୁ କିଛି ପ୍ରଶ୍ନ କଲା ସେହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ଏହା ଥିଲା ଯେ, ଆପଣମାନେ ଈଶା ମସିହଙ୍କ ପରିପ୍ରେକ୍ଷୀରେ କି ଆସ୍ଥା ପୋଷଣ ରଖୁଛନ୍ତି ? ଏଥି ଉତାରୁ ହଜରତ ଅବୁ ଉବୈଦାଃ ର:ଅ ସୁରେ ଆଲେ ଇମ୍ରାନ୍'ର ଏହି ପଂକ୍ତି ପାଠ କରିଥିଲେ: **ଇନ୍ନା ମସଲା ଇସା ଇନ୍‌ଦଲ୍ଲାହି କମସଲି ଆଦମା ଖଲକହୁ ମିନ୍ ତୁରାବିନ୍ ସୁମ୍ମା କାଲା ଲହୁ କୁନ୍ ଫୟକୁନ୍ (ଆଲେ ଇମ୍‌ରାନ୍:୬୦)** ଅର୍ଥାତ ବାସ୍ତବରେ ଅଲ୍ଲାଃଙ୍କ ନିକଟରେ ଈଶାଙ୍କ ଅବସ୍ଥା ଆଦମ୍‌ଙ୍କ ଅବସ୍ଥା ସଦୃଶ । ତାହାଙ୍କୁ ଶୁଷ୍କ ମୃର୍ତିକାରୁ ସୃଷ୍ଟି କଲେ ତତ୍‌ପରେ ସେ ତାଙ୍କ ସମ୍ବନ୍ଧରେ କହିଲେ, ହୋଇଯାଅ ଏବଂ ସେ ହୋଇଗଲା । ସେଥିଅନ୍ତେ ସୁରେ ନିସା'ର ପଂକ୍ତି ସଂଖ୍ୟା ୧୭୨, ୧୭୩ ପାଠ କରିଥିଲେ: **ୟା ଅହ୍‌ଲଲ୍ କିତାବି ଲା ତଗ୍‌ଲୁ ଫି ଦିନିକୁମ୍........ ୱଲଲ୍ ମଲାଇକତୁଲ୍ ମୁକର୍‌ବୁନ୍ (ନିସା:୧୭୨-୧୭୩)** ଅର୍ଥାତ ହେ ଗ୍ରନ୍ଥଧାରୀମାନେ ! ତୁମେମାନେ ନିଜ ଧର୍ମ ସଂକ୍ରାନ୍ତରେ ଅତି ରଞ୍ଜିତ କରନାହିଁ ଏବଂ ଅଲ୍ଲାଃଙ୍କ ସମ୍ବନ୍ଧରେ ସତ୍ୟ ଭିନ୍ନ ଅନ୍ୟ କିଛି କୁହନାହିଁ । ବାସ୍ତବରେ ମରିୟମ ନନ୍ଦନ ମସିହ ଅଲ୍ଲାଃଙ୍କର କେବଳ ଜଣେ ରସୁଲ୍ ଥିଲେ ଏବଂ ତାହାଙ୍କର ଏକ ସୁସମାଚାର ଦାତା ଥିଲେ ଯାହା ସେ ମରିୟମ୍‌ଙ୍କ ପ୍ରତି ଅବତୀର୍ଣ୍ଣ କରିଥିଲେ ଏବଂ ସେ ତାହାଙ୍କ ତରଫରୁ ଏକ କରୁଣା ଥିଲେ ତେଣୁ ତୁମେମାନେ ଅଲ୍ଲାଃ ଓ ତାହାଙ୍କର ସମସ୍ତ ରସୁଲଙ୍କ ଉପରେ ବିଶ୍ୱାସ କର ଓ ଅଲ୍ଲାଃ ତିନିଜଣ ବୋଲି କୁହନାହିଁ । ଏଥିରୁ ନିବୃତ ରୁହ ଏହା ତୁମମାନଙ୍କ ପକ୍ଷରେ ଉତମ ହେବ ଅଲ୍ଲାଃ ହିଁ ଏକମାତ୍ର ଉପାସ୍ୟ ତାହାଙ୍କର କୌଣସି ସନ୍ତାନ ହେଉ ଏହା ତାହାଙ୍କ ମହିମାର ପ୍ରତିକୂଳ ଯାହା କିଛି ଆକାଶରେ ଅଛି ଏବଂ ଯାହା କିଛି ପୃଥିବୀରେ ଅଛି ସେ ସବୁ ତାହାଙ୍କର ଏବଂ ଅଲ୍ଲାଃଙ୍କର ସୁରକ୍ଷା ବାହାରେ ଅନ୍ୟ କାହାରି ସୁରକ୍ଷାର ଆବଶ୍ୟକତା ନାହିଁ । ମସିହ ଅଲ୍ଲାଃଙ୍କର ଜଣେ ଭକ୍ତ ହୋଇଥିବା ବିଷୟ ତାଙ୍କୁ ଆଦୌ ଖରାପ ଲାଗିବନାହିଁ ଏବଂ ଅଲ୍ଲାଃଙ୍କର ସାମିପ୍ୟ ଲାଭ କରିଥିବା ଦେବଦୂତମାନେ ମଧ୍ୟ ଏହାକୁ ଖରାପ ଭାବିବେ ନାହିଁ ଏବଂ ଯେଉଁ

ଲୋକମାନେ ତାହାଙ୍କର ଉପାସନା କରିବାକୁ ଖରାପ ମନେ କରନ୍ତି ଓ ଗର୍ବ କରନ୍ତି ଏ ସମସ୍ତଙ୍କୁ ସେ ଅଲ୍ଲାଃ ନିଜ ସମୀପରେ ନିଶ୍ଚୟ ଏକତ୍ରିତ କରିବେ ।

ଏହି ପଂକ୍ତିମାନ ଶୁଣିବା ପରେ ଉକ୍ତ ଦୂତ ଜଣକ ଏହି କଥା କହିଲେ ଯେ ମୁଁ ସାକ୍ଷ୍ୟ ଦେଉଅଛି ଯେ ହଜ୍‌ରତ୍ ଈଶା ମସିହ୍‌ଙ୍କର ଏହା ହିଁ ପ୍ରକୃତ ପଦମର୍ଯ୍ୟାଦା ଏବଂ ମୁଁ ସାକ୍ଷ୍ୟ ଦେଉଛି ଯେ ନିଶ୍ଚିତ ରୂପେ ତୁମର ନବୀ ହେଉଛନ୍ତି ସତ୍ୟବାଦୀ । ସେଥିଅନ୍ତେ ସେ ମୁସଲମାନ ହୋଇଗଲେ ।

ତା'ପରେ ସେ ନିଜ ଲୋକମାନଙ୍କ ନିକଟକୁ ଯିବା ପାଇଁ ଚାହିଁଲା ନାହିଁ କିନ୍ତୁ ହଜରତ ଅବୁ ଉବୈଦାଃ ର:ଅ ତାଙ୍କୁ ବାଧ କରି କହିଲେ ଯେ ତୁମେ କାଲି ଆମ ଦୂତଙ୍କ ସହିତ ଚାଲି ଆସିବ କିନ୍ତୁ ଏବେ ତୁମେ ଯାଅ ନଚେତ ରୋମିମାନେ ଚୁକ୍ତିଭଙ୍ଗ କରିବାର ଆରୋପ ଲଗାଇବେ । ପରବର୍ତୀ ଦିନ ହଜରତ ଖାଲିଦ୍ ଦୂତ ହୋଇ ରୋମୀମାନଙ୍କ ନିକଟକୁ ଯାଇଥିଲେ । ରୋମୀମାନେ ନିଜ ଭବ୍ୟତା ଓ ବଡ଼ିମା ପ୍ରଦର୍ଶନ କରି ତାଙ୍କୁ ଭୟଭୀତ କରିବାପାଇଁ ଚେଷ୍ଟା କଲେ କିନ୍ତୁ ହଜରତ ଖାଲିଦ୍ ର:ଅ ତାହାକୁ ତୁଚ୍ଛ ମନେକରି ସେ ସବୁରୁ ବୈରାଗ୍ୟ ଭାବ ପ୍ରକାଶ କଲେ ଏବଂ ରୋମିମାନଙ୍କ ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନକୁ ଏମିତି ଚାହୁଁଥିଲେ ଯେମିତି ସିଂହ ଛେଳିମାନଙ୍କ ପଲ୍ଲକୁ ଦର୍ପର ସହିତ ପାର କରି ଯାଇଥାଏ । ରୋମୀମାନଙ୍କ ସେନାଧ୍ୟକ୍ଷ ବାହାମ୍ ଆପଣଙ୍କୁ ଧନରତ୍ନର ପ୍ରଲୋଭନ ଦେଲା ଯାହାକୁ ହଜ୍‌ରତ୍ ଖାଲିଦ୍ ନଗଣ୍ୟ ମଣି ଏଡ଼ାଇଦେଲେ, ତାହାକୁ ରଦ୍ଦ କରିଦେଲେ । ବାହାମ୍‌ର ଶିବିର ନିକଟରେ ଯେତେବେଳେ ଖାଲିଦ୍ ର:ଅ ପହଂଚିଲେ ସେ ଅତ୍ୟନ୍ତ ସମ୍ମାନର ସହିତ ସ୍ୱାଗତ ଜଣାଇଲା ଏବଂ ସାଥିରେ ନିଜ ଆସନ ସମାନ ବସାଇଲା । ଅନୁବାଦକ ମାଧ୍ୟମରେ ବାର୍ତାଳାପ ଆରମ୍ଭ କଲା । ବାହାମ୍ ସାଧାରଣ କଥୋପକଥନ ପରେ ବକ୍ତୁତା ଶୈଳୀରେ କଥାଭାଷା ହେଲା ଓ ହଜ୍‌ରତ୍ ଈଶାଙ୍କ ପ୍ରଶଂସା କରିବା ପରେ କୈସର ସମ୍ରାଟର ନାମ ନେଲା ଏବଂ ଗର୍ବର ସହିତ କହିଲା ଆମ ସମ୍ରାଟ ହେଉଛନ୍ତି ସର୍ବଶ୍ରେଷ୍ଠ ସମ୍ରାଟ । ଅନୁବାଦକ ଏହି ଉକ୍ତିର ଅନୁବାଦ କରିନଥିଲେ ଯେ ହଜ୍‌ରତ୍ ଖାଲିଦ୍ ବାହାମ୍‌କୁ ଅଟକାଇ ଦେଲେ ଏବଂ କହିଲେ, ତୁମର ସମ୍ରାଟ ଏହିପରି ହୋଇଥିବ କିନ୍ତୁ ଆମେ ଯାହାକୁ ସର୍ଦ୍ଦାର ମଣିଛୁ ତାଙ୍କୁ ଯଦି କ୍ଷଣକ ପାଇଁ ରାଜା ହେବାର ଖିଆଲ୍ ଆସିଲା ତା'ହେଲେ ଆମେ ତାହାଙ୍କୁ ନିଲମ୍ବିତ କରିଦେବୁ ।

ବାହାମ୍ ପୁନଶ୍ଚ ଅଭିଭାଷଣ ଦେବା ଆରମ୍ଭ କଲା ଏବଂ ନିଜର ଧନ ଦୌଲତ ଓ ଗର୍ବ ଅହଙ୍କାରକୁ ବଖାଣି କହିଲା ଆରବର ତୁମ ଗୋଷ୍ଠୀମାନେ ଆମ ଦେଶରେ ଆସି ମୁଣ୍ଡ ଗୁଞ୍ଜିଲେ ଆମେ ସର୍ବଦା ସେମାନଙ୍କ ସହିତ ବନ୍ଧୁତା ଆଚରଣ କଲୁ । ଆମେ ଚିନ୍ତା କରୁଥିଲୁ ଏଥିଯୋଗୁଁ ସମଗ୍ର ଆରବବାସୀ ଆମର କୃତଜ୍ଞ ହେବ କିନ୍ତୁ ଆମ ଆଶା ବିପରୀତ ତୁମେ ଆସି ଆମ ଦେଶରେ ଚଢ଼ଉ କଲ ଆମକୁ ଆମ ଦେଶରୁ ବିତାଡ଼ିତ କରିବାପାଇଁ ଉଦ୍ୟମ କରୁଛ । ତୁମକୁ ଜଣାନାହିଁ ଏପରି ଅନେକ ଗୋଷ୍ଠୀ ଏହି ଉଦ୍ଦେଶ୍ୟ ରଖି ଘରୁ ବାହାରିଥିଲେ କିନ୍ତୁ ସେମାନେ କଦାପି ନିଜ ଉଦ୍ଦେଶ୍ୟରେ ସଫଳ ହୋଇନାହାନ୍ତି ବର୍ତମାନ ତୁମଠାରୁ ସମଗ୍ର ସଂସାରରେ ବଡ଼ ମୂର୍ଖ ଜାତି କେହି ନୁହଁ । ତୁମ ନିକଟରେ ଯୁଦ୍ଧ ସାମଗ୍ରୀ ମଧ୍ୟ ପ୍ରଯ୍ୟାପ୍ତ ମାତ୍ରାରେ ନାହିଁ, ତୁମେ ହେଉଛ ପଶୁ ତୁଲ୍ୟ ଜାତି । ଏହା ସତ୍ୱେ ମଧ୍ୟ ଆମେ ତୁମ ସହ ନମ୍ର ଆଚରଣ କରୁଛୁ ଯଦି ତୁମେ ଏଠାରୁ ଚାଲିଯାଅ ତେବେ ପୁରସ୍କାର ସ୍ୱରୁପ ସେନାଧ୍ୟକ୍ଷଙ୍କୁ ଦଶହଜାର ଓ ଅଫିସରମାନଙ୍କୁ ହଜାର ଲେଖାଏଁ ତଥା ସିପାହୀମାନଙ୍କୁ ଶହେ ଶହେ ଦୀନାର ପ୍ରଦାନ କରାଯିବ । ଯଦି ଓ ସେ ମୁସଲମାନମାନଙ୍କ ବିରୁଦ୍ଧରେ ଏକ ବିଶାଳ ସେନା ପ୍ରସ୍ତୁତ କରି ରଖିଥିଲା କିନ୍ତୁ ଯେତେବେଳେ ଖ୍ରୀଷ୍ଟଧର୍ମୀମାନେ ହୃଦୟଙ୍ଗମ କଲେ ଯେ ଏମାନଙ୍କୁ ପରାଜିତ କରିବା ସହଜ ନୁହେଁ ସେତେବେଳେ ଏପରି ପଦକ୍ଷେପ ଗ୍ରହଣ କରିଥିଲେ । ସେ ଯାହା ହେଉ ବାହାମ୍ ନିଜ ଅଭିଭାଷଣ ଶେଷ କରିବାପରେ ହଜରତ ଖାଲିଦ ର:ଅ ଛିଡ଼ା ହେଲେ ଏବଂ ପ୍ରଭୁଙ୍କ ପ୍ରଶଂସା ଗାନ କରିବାପରେ କହିଲେ, ନିଃସନ୍ଦେହ ରୂପେ ତୁମେମାନେ ହେଉଛ ଧନୀ, ମାଲଦାର ଏବଂ ଶାସକ ଏବଂ ତୁମେମାନେ ନିଜର ପଡ଼ୋଶୀ ଆରବବାସୀଙ୍କ ସହିତ ଯେଉଁ ଆଚରଣ ପ୍ରଦର୍ଶନ କରିଛ  ତାହା ମଧ୍ୟ ଆମକୁ ଜଣା କିନ୍ତୁ ଏହା ତୁମର କୌଣସି ଦୟା ନୁହେଁ ବରଂ ନିଜ ଧର୍ମ ପ୍ରଚାର କରିବା ପାଇଁ ତୁମର ଏହି ଯୋଜନା ଥିଲା । ତୁମେ ନିଜ ଧର୍ମର ପ୍ରଚାର ପ୍ରସାର କରିବାକୁ ଚାହୁଁଥିଲ ଫଳସ୍ୱରୂପ ସେମାନେ ଇସାଇ ପାଲଟିଗଲେ ଏବଂ ଆଜି ଆମର ସେହି ଭାଇମାନେ ତୁମ ସାଥିରେ ମିଶି ଆମ ମୁକାବିଲାରେ ଛିଡ଼ା ହୋଇଛନ୍ତି । ଏକଥା ଠିକ୍ ଯେ, ଆମେ ଅତି ଗରୀବ ଏବଂ ହାତରେ ଆମର ଫଟା ପାହୁଲାଟିଏ ନାହିଁ ଓ ଆମ ଘରୁ ଆମେ ବିତାଡ଼ିତ ହୋଇଛୁ । ଆମ ଜାତି ଆମକୁ ବହିଷ୍କାର କରିଦେଇଛି ମକ୍କାରୁ । ଅନ୍ୟାୟ ଅତ୍ୟାଚାର ପରିସ୍ଥିତି ଏଭଳି ସରଗରମ ଥିଲା ଯେ, ସବଳ ବ୍ୟକ୍ତି ଦୂର୍ବଳ ବ୍ୟକ୍ତିକୁ ପେଶି ଦେଉଥିଲା । ପରସ୍ପର ସହିତ ଲଢ଼ି ଲଢ଼ି ଆମେ ନିଜର ସର୍ବନାଶ କରିନେଇଥିଲୁ । ଏଭଳି ସ୍ଥଳେ ପରମେଶ୍ୱର ଆମ ଉପରେ ଦୟା ପରବେଶ ହେଲେ ଏବଂ ଏକ ଏଭଳି ନବୀ ପ୍ରେରଣ କଲେ ଯେ ଆମର ଜାତିର ଥିଲେ ଓ ସେ ଆମମାନଙ୍କ ମଧ୍ୟରୁ ସବୁଠାରୁ ଉତମ, ପବିତ୍ର, ଭଦ୍ର ଓ ବଦାନ୍ୟ ବ୍ୟକ୍ତି ଥିଲେ । ସେ ଆମକୁ ଏକଶ୍ୱରବାଦ ଶିଖାଇଲେ । ସେ ଆମକୁ ଏହି ନିର୍ଦ୍ଦେଶ ଦେଲେ ଯେ, ଏହି ଶିକ୍ଷା ସମଗ୍ର ସଂସାରବାସୀଙ୍କ ନିକଟରେ ପହଂଚାଇ ଦିଅ ଏବଂ ଯିଏ ଏହାର ପାଳନ କରିବେ ସେ ମୁସଲମାନ ଓ ଆମ ଭାଇ ବୋଲାଇବେ । ଯେଉଁମାନେ ଏହାକୁ ଅସ୍ୱୀକାର କରିବେ କିନ୍ତୁ କର ଦେବାପାଇଁ ସହମତି ପ୍ରକାଶ କରିବେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଆମର ଦାୟିତ୍ୱ ହେବ କିନ୍ତୁ ଯିଏ ଏହି ଉଭୟ କଥାର ଅସ୍ୱୀକାର କରିବେ ତେବେ ସେମାନଙ୍କ ପାଇଁ ଆମର ତରବାରୀ ଉତଳନ ହେବ । ବାହାମ୍ କର ଦେବା କଥା ଶୁଣି ଏକ ଶୀତଳ ନିଶ୍ୱାସ ଭରିଲା ଏବଂ ସେନା ଆଡ଼କୁ ଇଙ୍ଗିତ କରି କହିଲା ଏମାନେ ମରିଗଲେ ସୁଦ୍ଧା କର ଦେବେନାହିଁ । କାରଣ ଆମେ ସର୍ବଦା କର ଆଦାୟ କରିଥାଉ କଦାପି କର ଦେଇନଥାଉ । ଅତଏବ ଏହିପରି ବୈଠକଟି ନିଷ୍ଫଳ ଗଲା ଓ ସେଠାରୁ ଖାଲିଦ ଉଠି ଚାଲି ଆସିଲେ । ସେଥିଅନ୍ତେ ଏହି ଶେଷ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହେଲା । ଯାହା ପରେ ରୋମୀମାନେ ରଣଭୂମିରେ ଆଉ ପାଦ ସମ୍ଭାଳି ପାରିଲେ ନାହିଁ । ଖାଲିଦ୍‌ଙ୍କ ଯିବା ଅନ୍ତେ ବାହାମ୍ ସମସ୍ତ ସର୍ଦ୍ଦାରମାନଙ୍କୁ ଜମା କରି କହିଲେ, ତୁମେ ଶୁଣିଲ ଆରବଙ୍କ କଥା । ଯେପର୍ଯ୍ୟନ୍ତ ତୁମେ ତାଙ୍କ ଅଧିନତ୍ୱ ସ୍ୱୀକାର କରି ନ ନେଇଛ ସେପର୍ଯ୍ୟନ୍ତ ତାଙ୍କର ପ୍ରତିଘାତରୁ ସୁରକ୍ଷିତ ରହିପାରିବ ନାହିଁ । କ'ଣ ତୁମେ ତାଙ୍କ ଦାସତ୍ୱ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ଅଛ ? ଆମେ ମରିଯିବା କିନ୍ତୁ ଏହି ଲଜ୍ଜା ସହ୍ୟ କରିପାରିବାନାହିଁ ।

ସକାଳ ହେବା ମାତ୍ରେ ରୋମୀ ପୂର୍ଣ୍ଣ ଉତ୍ସାହ ଓ ସମସ୍ତ ଯୁଦ୍ଧ ସରଞ୍ଜାମ ସାଥିରେ ନେଇ ବାହାରିଲେ ଯାହା ଦେଖି ମୁସଲମାନମାନେ ଅଂଚମ୍ଭିତ ହେଲେ । ପରବର୍ତୀ ଦିନ ରୋମୀମାନେ ପୁନଃ ଉତ୍ସାହ ଓ ସମସ୍ତ ଯୁଦ୍ଧ ସରଞ୍ଜାମ ଧରି ରଣଭୂମିକୁ ଓହ୍ଲାଇ ପଡ଼ିଲେ । ହଜରତ ଖାଲିଦ ମଧ୍ୟ ଆରବର ଔପଚାରିକ ପ୍ରଥାଠାରୁ ଭିନ୍ନ ଶୈଳୀରେ ନିଜର ସୈନ୍ୟ ସଜ୍ଜା କଲେ ଏପରି ମୁସଲମାନମାନଙ୍କ ମାତ୍ର ୩୦/୩୫ ହଜାର ସୈନ୍ୟଦଳକୁ ୩୬ ଗୋଟି ଦଳରେ ଭାଗ କରିଥିଲେ ଏବଂ ହଜରତ ଖାଲିଦ ର:ଅ ଅତି ଚତୁରତାର ସହିତ ସୈନ୍ୟମାନଙ୍କ କ୍ରମ ସଜ୍ଜା କରିଥିଲେ । ସେନାର ମଧ୍ୟଭାଗରେ ହଜରତ ଅବୁ ଉବୈଦାଃ ର:ଅ ମୈମ୍‌ନାରେ ଅର୍ଥାତ ଡ଼ାହାଣ ପାର୍ଶ୍ୱରେ ଉମର୍ ବିନ୍ ଆସ ଓ ସରହ୍‌ବିଲ୍ ମୁତୟନ ଥିଲେ । ମୈସରା ଅର୍ଥାତ ବାମପଟେ ୟଜିଦ୍ ବିନ୍ ଅବୁ ସୁଫିୟାନଙ୍କୁ ନିୟୋଜିତ କଲେ । ଏତଦ୍‌ବ୍ୟତିତ ପ୍ରତ୍ୟେକ ଧାଡ଼ିରେ ଭିନ୍ନ ଭିନ୍ନ ଅଫିସର ମୃତୟନ ଥିଲେ ଯେଉଁମାନେ ବୀର ସାହାସି ଯୋଦ୍ଧା ଥିଲେ । ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଉତେଜନା ପୂର୍ଣ୍ଣ ଭାଷଣ ମଧ୍ୟ ପ୍ରଦାନ କରାଯାଇଥିଲା ଏବଂ ସେହି ସମୟରେ ଅଭିଭାଷଣ ଦେଇ ହଜରତ ଅବୁ ସୁଫିୟାନ୍ ର:ଅ କହିଲେ ହେ ଅଲ୍ଲାଃ ! ଏହା ତୁମ ଧର୍ମ ହେ ପ୍ରଭୁ ନିଜ ଭକ୍ତମାନଙ୍କର ସାହାଯ୍ୟ କର ଏବଂ ଏକଥା ମୁସଲମାନମାନଙ୍କୁ କହୁଥିଲେ ଯେ ଈଶ୍ୱରଙ୍କ ରାଣ ! ତୁମେମାନେ ଆରବର ସୁରକ୍ଷା କର୍ତା ଓ ଇସ୍‌ଲାମ୍‌ର ସାହାଯ୍ୟକାରୀ । ସେମାନେ ରୋମ୍‌ର ସୁରକ୍ଷାକର୍ତା ଏବଂ ଶିର୍କର ସାହାଯ୍ୟକାରୀ । ସେହିପରି ଉମ୍‌ରୋ ବିନ୍ ଆସ କହୁଥିଲେ ହେ ଲୋକମାନେ ନିଜ ଚକ୍ଷୁକୁ ନିମ୍ନଗାମୀ ରଖ । ଆଂଠୁମାଡ଼ି ବସିପଡ଼ ଏବଂ ନିଜ ବର୍ଛା ପ୍ରସ୍ତୁତ ରଖ ଯଦି ତୁମର ଶତ୍ରୁ ତୁମ ଉପରେ ଆକ୍ରମଣ କରେ ତେବେ ସେତେବେଳେ ସେମାନଙ୍କୁ ଅବସର ଦିଅ । ଯେତେବେଳେ, ସେମାନେ ତୁମ ଆୟତକୁ ଆସିଯିବେ ସେତେବେଳେ ତାଙ୍କ ଉପରକୁ ମହାବଳ ଭାଗ ପରି ଝାମ୍ପ ମାରିବ । ସେହି ପରଶ୍ୱେରଙ୍କର ରାଣ ! ଯିଏ ଉତମ କର୍ମରେ ପ୍ରସନ୍ନିତ ହୋଇଥାଏ ଓ ତାହାର ସୁଫଳ ପ୍ରଦାନ କରିଥାଏ । ଯିଏ ମିଥ୍ୟା ବଚନରେ ଅତିଷ୍ଠ ଓ କ୍ରୋଧିତ ହୋଇଥାନ୍ତି ଏବଂ ଦଣ୍ଡ ଦେଇଥାନ୍ତି । ମତେ ସୁଚନା ମିଳିଛି ଯେ ମୁସଲମାନମାନେ ବସ୍ତି ପରେ ବସ୍ତି, ଏବଂ ପ୍ରଦେଶ ପରେ ପ୍ରଦେଶ ବିଜୟ କରିଚାଲିବେ । ଯଦି ତୁମେ ଦୃଢ଼ ମନବଳର ସହିତ ଶତ୍ରୁର ମୁକାବିଲା କର ତେବେ ସେମାନେ ହଜଲ୍ (ଅର୍ଥାତ ତିତର୍) ପକ୍ଷୀର ଛୁଆ ପରି ଭୟଭୀତ ହୋଇ ପଳାୟନ କରିବେ । ଏପରି ସେନାକୁ ଉତ୍ସାହିତ କରି ସେମାନଙ୍କ ମନରେ ନୂତନ ପ୍ରାଣ ସଂଚାର କରିଦିଆଯାଇଥିଲା ।

ମୁସଲମାନ ସେନାରେ ଆରବର ବିଭିନ୍ନ ଜାତିର ଲୋକ ସାମିଲ ଥିଲେ ଯଦିଓ ମୁସଲମାନ ସୈନିକମାନଙ୍କ ସଂଖ୍ୟା କେବଳ ତିରିଶି ପଇଁତିରିଶି ହଜାର ଥିଲା ଓ ସେମାନଙ୍କ ମଧ୍ୟରେ ୧୦୦ ଜଣ ବଦ୍ରୀ ସାହାବି ଓ ଏକ ହଜାର ବୟଜ୍ୟୋଷ୍ଠ ବ୍ୟକ୍ତି ମଧ୍ୟ ଥିଲେ । ଯେଉଁମାନେ ହଜୁର ସ:ଆ:ସଙ୍କ ପବିତ୍ର ମୂଖ ଦର୍ଶନ କରିଥିଲେ ସେହିପରି ଆରବର ପ୍ରଶିଦ୍ଧ କବିଲାଗୁଡ଼ିକରୁ ଦଶ ହଜାରରୁ ଉର୍ଦ୍ଧ୍ୱ କେବଳ ଅଜଦ୍ କବିଲାର ଲୋକ ଥିଲେ । ହିମର୍ କବିଲାରୁ ବହୁ ସଂଖ୍ୟକ ଲୋକେ ଥିଲେ । ହମ୍‌ଦାନ୍, ଖୌଲାନ୍, ଲହମ୍ ଏବଂ ଜୁଯାମ୍ ଇତ୍ୟାଦି କବିଲାର ପ୍ରଶିଦ୍ଧ ବାହାଦୁର୍ ସିପାହୀମାନେ ଯୋଗ ଦେଇଥିଲେ । ଏହି ଯୁଦ୍ଧର ଆଉ ଏକ ବିଶେଷତ୍ୱ ଏହି କି ଯେ, ଏଥିରେ ମୁସଲମାନ ମହିଳାମାନେ ମଧ୍ୟ ସାମିଲ ଥିଲେ ଯିଏ ଅତ୍ୟନ୍ତ ସାହାସିକତାର ସହିତ ଲଢ଼ିଥିଲେ । ସେମାନଙ୍କ ମଧ୍ୟରେ ଅମୀର ମାୱିୟାଙ୍କ ମାତା ଅବୁ ସୁଫିୟାନ୍‌ର ପତ୍ନୀ ହିମ୍‌ଦା ମଧ ଥିଲା ଏବଂ ବେଶ୍ ବିରତାର ସହିତ ଯୁଦ୍ଧ ଲଢ଼ିଥିଲେ । ସେହିପରି ଅବୁ ସୁଫିୟାନ୍‌ର ଝିଅ ଓ ଅମୀର୍ ମାୱିୟାଙ୍କ ଭଉଣୀ ଜୁୱେରିୟା ଗୋଟିଏ ମହିଳା ଦଳକୁ ସାଥିରେ ଧରି ନିଜ ସ୍ୱାମୀଙ୍କ ସହିତ ମିଶି

ରୋମି ସେନା ସହିତ ଲଢ଼ିଲେ । ପୁଣି ଭିଷଣ ଯୁଦ୍ଧ ପରେ ଶହୀଦ୍ ବି ହୋଇଥିଲେ ।

ସେପଟେ ରୋମୀମାନଙ୍କ ଅବସ୍ଥା ଏପରି ଥିଲା ଯେ, ୩୦ ହଜାର ସୈନିକଙ୍କ ପାଦରେ ବେଡ଼ି ବାନ୍ଧି ଦିଆଯାଇଥିଲା ଯେପରି ସେମାନେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିପାରିବେ ନାହିଁ ।

ଯୁଦ୍ଧର ଆରମ୍ଭ ରୋମୀମାନଙ୍କ ଦ୍ୱାରା ହୋଇଥିଲା ୨ ଲକ୍ଷ ସଂଖ୍ୟକ ସୈନିକ ପଙ୍ଗପାଳଙ୍କ ପରି ଏକା ସାଥିରେ ଆଗକୁ ଅଗ୍ରସର ହୋଇଥିଲେ । ସହସ୍ର ପାଦ୍ରୀ ଓ ବିଶପ୍ ହାତରେ ସଲିବ୍ (କ୍ରୁଶ) ଧରି ଈଶା ମସିହଙ୍କ ଜୟ ଜୟର ସ୍ଲୋଗାନ ଲଗାଇଥିଲେ । ଦୁଇଲକ୍ଷର ଏହି ଦଳ ଅତ୍ୟନ୍ତ ତିବ୍ରତାର ସହିତ ଘାତକ ପୂର୍ଣ୍ଣ ଆକ୍ରମଣ କରିଥିଲା । ମୁସଲମାନମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ରଣକ୍ଷେତ୍ରରେ ଅଟଳ ଓ ଅବିଚଳ ଓ ପ୍ରତିଘାତ କରିଥିଲେ କିନ୍ତୁ ଶେଷରେ ତାଙ୍କର ଧୈର୍ଯ୍ୟ ରୂପକ ବନ୍ଧ ଭୁଷୁଡ଼ି ପଡ଼ିଥିଲା । ମହିଳାମାନେ ମୁସଲମାନମାନଙ୍କୁ ପଶ୍ଚାତପଦ ହେବାର ଦେଖି ସେମାନଙ୍କ ସ୍ୱାଭିମାନକୁ ଜାଗ୍ରତ କରିଥିଲେ । ମୁସଲମାନମାନଙ୍କର ଏହି ଅବସ୍ଥା ଦେଖି ମୁସ୍‌ଲିମା ମହିଳାମାନେ ଅତିଶୟ କ୍ରୋଧିତ ହୋଇ ଉଠିଲେ ଏବଂ ସେମାନେ ଡ଼େରାର ଖୁଂଟି ଉପାଡ଼ି ଉଚ୍ଚ ସ୍ୱରେ କହି ଉଠିଲେ ନିର୍ଲଜମାନେ ! ଯଦି ଆମ ନିକଟକୁ ତୁମେ ଆସିବ ତା'ହେଲେ ଏହି କାଠ ଖଣ୍ଡ ଦ୍ୱାରା ତୁମ ମୁଣ୍ଡ ଫୁଟାଇ ଦେବୁ । ହିନ୍‌ଦା ଯିଏ କି ଅବୁ ସୁଫିୟାନର ପତ୍ନୀ ଥିଲା ସେ ହାତରେ କାଠଖଣ୍ଡ ଧରି ଆଗକୁ ଅଗ୍ରସର ହେଲା ତାଙ୍କୁ ଦେଖି ଅନ୍ୟ ମହିଳାମାନେ ମଧ୍ୟ ତାଙ୍କ ପଛ ଧରିଲେ । ହିନ୍‌ଦା ଅବୁ ସୁଫିୟାନ୍‌କୁ ପଳାୟନ କରୁଥିବାର ଦେଖି ତା'ର ଘୋଡ଼ାର ମୁଖକୁ ନଖ ମାରି କହିଲା, କୁଆଡ଼େ ଯାଉଛ ? ଏଠାରୁ ଫେରିଯାଅ ଏବଂ ଯୁଦ୍ଧ ଲଢ଼ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହିନ୍‌ଦା କାଠଖଣ୍ଡ ନେଇ ଅବୁ ସୁଫିୟାନ୍ ଆଡ଼କୁ ଧାଇଁଲେ ଏବଂ କହିଲେ ପ୍ରଭୁଙ୍କ ରାଣ ! ତୁମେ ସତ୍‌ଧର୍ମର ବିରୁଦ୍ଧାଚରଣ କରିବା ଓ ପ୍ରଭୁଙ୍କ ସତ୍ୟବାଦୀ ଅବତାରଙ୍କୁ ମିଥ୍ୟା ବାଦୀ କହିବାରେ କଠୋରତା ପ୍ରଦର୍ଶନ କରିଛ କିନ୍ତୁ ଆଜି ତୁମ ନିକଟରେ ଅବସର ରହିଛି ତେଣୁ ତୁମେ ରଣକ୍ଷେତ୍ରରେ ସତ୍‌ଧର୍ମର ଧ୍ୱଜା ଉତଳନ କରି ଅଲ୍ଲାଃଙ୍କ ପ୍ରିୟ ରସୁଲ୍‌ଙ୍କୁ ପ୍ରସନ୍ନ କରିବା ପାଇଁ ନିଜ ପ୍ରାଣର ଆହୁତି ଦିଅ ଏବଂ ପ୍ରଭୁଙ୍କ ନିକଟରେ ସଫଳ ହୋଇଯାଅ ।

ସୁତରାଂ ଅବୁ ସୁଫିୟାନ୍‌ର ସ୍ୱାଭିମାନ ତାକୁ ଧିକାରିଲା ଫଳତଃ ସେ ନିଜ ଖଣ୍ଡା ଧରି ପଙ୍ଗପାଳ ଦଳଙ୍କ ବିପକ୍ଷରେ ଜମି ରହିଲେ । ଶତ୍ରୁର ମଧ୍ୟଭାଗରେ ପ୍ରବେଶ କଲେ ଆଉ ଏକ ବୀର ମହିଳା ଯାହାଙ୍କ ନାମ ଖୱ୍‌ଲା ଥିଲା । ସେ ଏହି କବିତା ପାଠ କରି ମୁସଲମାନ ବୀର ସୈନିକମାନଙ୍କୁ ଉତ୍ସାହିତ କଲେ: ଧାର୍ମିକ ମହିଳାମାନଙ୍କଠାରୁ ପଳାୟନ କରୁଥିବା ହେ ବୀରମାନେ ! ତୁମେ ଖୁବ୍ ଶିଘ୍ର ସେମାନଙ୍କୁ କଏଦୀ ରୂପେ ଦେଖିନେବ । ନା ସେମାନେ ଉଚ୍ଚ ସ୍ଥାନରେ ଥିବେ ନା ପସନ୍ଦ ଯୋଗ୍ୟ ହେବେ । ଏହା ଶୁଣି ମାଆଜ୍ ବିନ୍ ଜବଲ୍ ଯିଏ କି ମୈମନାଃ ଅର୍ଥାତ ସୈନ୍ୟଦଳର ଡ଼ାହାଣ ପାର୍ଶ୍ୱରେ ମୃତୟନ ଥିବା ସୈନିକମାନଙ୍କ ସେନାପତି ଥିଲେ ନିଜ ଅଶ୍ୱ ଉପରୁ ଡ଼ିଆଁ ମାରି କହିଲେ ମୁଁ ଯାଉଛି ଖାଲି ପାଦରେ ଶତ୍ରୁର ମୁକାବିଲା କରିବି କିନ୍ତୁ ଯଦି କେହି ବୀର ଥାଏ ଯିଏ ଏହି ଘୋଡ଼ାର ଅଧିକାର ପୂରଣ କରିପାରିବ ତେବେ ତାହା ପାଇଁ ମୋ ଘୋଡ଼ା ହାଜର ଅଛି । ତାଙ୍କ ସୁପୁତ୍ର କହିଲେ, ମୁଁ ତାହାର କର୍ତବ୍ୟ ସମ୍ପାଦନ କରିବି କାରଣ ମୁଁ ଆରୋହଣ କରି ଭଲ ଭାବରେ ଯୁଦ୍ଧ ଲଢ଼ିପାରିଥାଏ । ଏପରି ଉଭୟ ପିତା ଓ ପୁତ୍ର ଶତ୍ରୁମାନଙ୍କ ମଧ୍ୟରେ ପ୍ରବେଶ କରିଗଲେ ଏବଂ ଏଭଳି ଲଢ଼ିଲେ ଯେ, ମୁସଲମାନମାନଙ୍କର ଅସ୍ଥିରି ପାଦ ଦୃଢ଼ ହୋଇଗଲା । ଏଥିଅନ୍ତେ ହଜାଜ୍ ଯିଏ ଜବିଦାଃ କବିଲାର ସର୍ଦ୍ଦାର ଥିଲେ, ୫୦୦ ଲୋକଙ୍କୁ ନେଇ ଆଗକୁ ଅଗ୍ରସର ହେଲେ ସେହି ଇସାଇମାନଙ୍କର ଯିଏ ମୁସଲମାନମାନଙ୍କ ପଛ ଧରିଥିଲେ ସେମାନଙ୍କ ବାଟ ଅବରୁଦ୍ଧ କରିଦେଲେ ଏହିପରି ମୈମନାରେ ଅଜଦ୍ କବିଲା ପ୍ରାରମ୍ଭିକ ଆକ୍ରମଣରୁ ହିଁ ଦାୟିତ୍ୱତା ପ୍ରଦର୍ଶନ କରିଥିଲେ । ଖ୍ରୀଷ୍ଟଧର୍ମୀମାନେ ନିଜର ସମସ୍ତ ବଳ ପ୍ରୟୋଗ କରିବା ସତ୍ତ୍ୱେ ମଧ୍ୟ ସେମାନେ ପର୍ବତ ପରି ନିଜ ସ୍ଥାନରେ ଜମି ରହିଥିଲେ । ରଣକ୍ଷେତ୍ରର ପରିସ୍ଥିତି ଏପରି ଥିଲା ଯେ, ଚର୍ତୁଃପାର୍ଶ୍ୱରେ ବାହୁଗୁଡ଼ିକ କଟି କଟି ପଡୁଥିଲା କିନ୍ତୁ ସିପାହୀମାନଙ୍କ ପାଦ ରଣକ୍ଷେତ୍ରରେ ଅଟଳ ରହିଥିଲା । ଉମର୍ ବିନ୍ ତୁଫେଲ୍ ଯିଏ କବିଲାର ସର୍ଦ୍ଦାର ଥିଲେ, ସେ ନିଜ ଖଣ୍ଡା ମାରି ଆହ୍ୱାନ ଦେଇ କହୁଥିଲେ ହେ ଅଜଦିମାନେ ! ଦେଖ ଆଜି ମୁସଲମାନମାନଙ୍କ ଉପରେ ତୁମ ଯୋଗୁଁ କୌଣସି ଆଂଚ ନ ଆସୁ । ତାଙ୍କ ଦ୍ୱାରା ଶତ୍ରୁପକ୍ଷର ନଅଜଣ ବଡ଼ ବଡ଼ ବୀର ନୀହତ ହେଲେ ଶେଷରେ ସେ ସ୍ୱୟମ ମଧ୍ୟ ଶହୀଦ ହୋଇଗଲେ ।

ହଜରତ ଖାଲିଦ ର:ଅ ହଠାତ୍ ସେନାର ଧାଡ଼ି ଚିରି ଆଗକୁ ବଢ଼ିଲେ ଏବଂ ଏଭଳି ଆତ୍ମଘାତି ଆକ୍ରମଣ କଲେ ଯେ ରୋମୀମାନଙ୍କ ଧାଡ଼ି ବିଚ୍ଛୁରିତ ଓ ବିଶୃଙ୍ଖଳିତ ହୋଇଗଲା ଅବୁ ଜହଲର ପୁତ୍ର ଅକ୍ରମା ଘୋଡ଼ା ଆଗକୁ ଦଉଡ଼ାଇ କହିଲେ ହେ ଇସାଇମାନେ ! ମୁଁ ଏକ ସମୟରେ ଅମାନ୍ୟକାରୀ ଅବସ୍ଥାରେ ନିଜେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଯୁଦ୍ଧ କରିସାରିଛି । କ'ଣ ଏବେ ତୁମ ବିପକ୍ଷରେ ମୋ ପାଦ ପଛକୁ ଯାଇପାରେ ଏହା କହି ସେନା ଆଡ଼କୁ ଚାହିଁଲେ ଓ କହିଲେ ଏବେ ମୃତ୍ୟୁ ପାଇଁ କିଏ ବୟତ କରିବ ।

ଅକ୍ରମା ବିନ୍ ଅବୁ ଜହଲ୍ ଖ୍ରୀଷ୍ଟଧର୍ମୀମାନଙ୍କୁ ଆହ୍ୱାନ ଦେଲେ ଏବଂ ସେ ଶତ୍ରୁପକ୍ଷର ମୁକାବିଲା କରିବାପାଇଁ ନିଜ ସାଥିରେ ଚାରିଶହ ଜଣ ଉର୍ଦ୍ଧଗାମୀମାନଙ୍କୁ ନେଇ ଶତ୍ରୁର ମଧ୍ୟଭାଗରେ ଆକ୍ରମଣ କରିଦେଲେ । ଶେଷରେ ସେମାନେ ସଭିଏଁ ଚାରିଶହ ଜଣ ସେହିଠାରେ ଅର୍ଥାତ ଯୁଦ୍ଧ ଭୂମିରେ କଟି ଟଳିପଡ଼ିଲେ କିନ୍ତୁ ତାହା ପୂର୍ବରୁ ଶତ୍ରୁର ସହସ୍ର ଲୋକଙ୍କୁ ମୃତ୍ୟୁର ସ୍ୱାଦ ଚଖାଇ ଦେଇଥିଲେ ।

ଖାଲିଦ୍ ର:ଅଙ୍କ ଆକ୍ରମଣ ଦ୍ୱାରା ସେମାନଙ୍କର ଅର୍ଥାତ ରୋମିମାନଙ୍କର ଅଂଟା ଭାଙ୍ଗିଗଲା । ଏହିପରି ଖାଲିଦ୍ ସେମାନଙ୍କର ସେନାପତି ଦୁରୁନ୍‌ଜାର୍ ନିକଟରେ ପହଂଚିଗଲେ । ଠିକ୍ ସେହି ସମୟରେ ରୋମୀ ସର୍ଦ୍ଦାର ଇବ୍‌ନେ କନାତିର୍ ଯିଏ ତାଙ୍କ ସେନା ଦଳର ଡ଼ାହାଣ ପାର୍ଶ୍ୱରେ ସେନାପତି ଥିଲେ, ସେ ଇସ୍‌ଲାମୀୟ ସୈନ୍ୟଙ୍କ ବାମ ପାର୍ଶ୍ୱ ଉପରେ ଆକ୍ରମଣ କରିଦେଲା । ମେସ୍‌ରାରେ ଅଧିକାଂଶ ଲୋକ ଲେହମ୍ ଓ ଗସାନ୍ କବିଲା ଗୋଷ୍ଠୀରେ ଥିଲେ । ସେ ଅନନ୍ତକାଳରୁ ରୋମୀମାନଙ୍କର କରଦାତା ଥିଲେ ଏବଂ ଏମିତି ଦେଖିବାକୁ ଗଲେ ରୋମୀମାନଙ୍କ ଦ୍ୱାରା ସେମାନେ ଭୟଭୀତ ମଧ୍ୟ ଥିଲେ । ସେମାନେ ଏହି ଆକ୍ରମଣକୁ ବରଦାସ୍ତ କରିପାରିଲେ ନାହିଁ ଏବଂ ପଛଘୁଂଚା ଦେଲେ ପଛରେ ରହିଥିବା ମୁସଲମାନ ମହିଳାମାନେ ଆଗକୁ ବଢ଼ି ଶତ୍ରୁର ମୁକାବିଲା କଲେ ଏବଂ ସେମାନଙ୍କୁ ଆଗକୁ ବଢ଼ିବାକୁ ରୋକିଦେଲେ ଅର୍ଥାତ ଶତ୍ରୁମାନଙ୍କୁ ଅବରୁଦ୍ଧ କରିଦେଲେ ଆଗକୁ ବଢ଼ିବାକୁ । କୁବାସଙ୍କ ହସ୍ତରୁ ଖଣ୍ଡା ଓ ବର୍ଚ୍ଛା ଆଦି ଭାଙ୍ଗି ତଳେ ପଡୁଥିଲା କିନ୍ତୁ ତାଙ୍କ ଠାଣିରେ ପରିବର୍ତନ ପରିଲକ୍ଷିତ ହେଉନଥିଲା ଯେତେବେଳେ ବର୍ଚ୍ଛା ଭାଙ୍ଗି ତଳେ ପଡୁଥିଲା ସେ କହୁଥିଲେ କଣ କେହି ଅଛି ଯିଏ ମତେ ଅସ୍ତ୍ର ଧରାଇ ଦେବ । ମୁଁ ପ୍ରଭୁଙ୍କ ସମ୍ମୁଖରେ ଏହି ପଣ କରିଛି ଯେ ଯଦି ପୁଣି ରଣଭୂମିରୁ ହଟେ ତା'ହେଲେ ଶହୀଦ ହୋଇ ହିଁ ହଟିବି । ଏହା ଶୁଣି ଲୋକେ ସଙ୍ଗେ ସଙ୍ଗେ ତାଙ୍କ ହସ୍ତରେ ଖଣ୍ଡା ଓ ବର୍ଚ୍ଛା ଧରାଇ ଦେଉଥିଲେ । ସେଥିଅନ୍ତେ ସେ ମହାବଳ ଭାଗ ପରି ଶତ୍ରୁ ଉପରକୁ ଝାମ୍ପ ମାରୁଥିଲେ । ଅବୁଲ୍ ଅୱାର୍ ଘୋଡ଼ାରୁ ଡ଼େଇଁ ପଡ଼ି ନିଜ ସେନାକୁ ଚାହିଁ କହିଲେ, ଧୈର୍ଯ୍ୟ ଓ ଦୃଢ଼ତା ହିଁ ସଂସାରରେ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିଥାଏ ଏବଂ ପରକାଳରେ ଦୟାର ଭାଗିଦାରି କରିଥାଏ । ଦେଖି ଏହି ସମ୍ପଦ ହାତରୁ ଖସି ନଯାଏ । ସଇଦ୍ ବିନ୍ ଜୈଦ୍ କ୍ରୋଧରେ ହତୋତ୍ସାହିତ ଭାବରେ ଛିଡ଼ା ହୋଇଥିଲେ । ଯେତେବେଳେ ରୋମୀ ତାଙ୍କ ଆଡ଼କୁ ବଢ଼ିଲେ ସେତେବେଳେ ସେ ବାଘ ପରି ତାଙ୍କ ଉପରକୁ କୁଦା ମାରିଲେ ଏବଂ ଆଗରେ ଥିବା ଅଫିସରଙ୍କୁ ନୀହତ କରିଦେଲେ । ୟଜିଦ୍ ବିନ୍ ଅବୁ ସୁଫିୟାନ୍ ବେଶ୍ ଦୃଢ଼ତାର ସହିତ ପ୍ରତିଘାତ କଲେ ଭାଗ୍ୟବସତଃ ତାଙ୍କ ପିତା ଅର୍ଥାତ ଅବୁ ସୁଫିୟାନ୍ ଯିଏ ସେନାକୁ ଉତ୍ସାହିତ କରୁଥିଲେ ତାଙ୍କ ନିକଟକୁ ଆସିଗଲେ ଏବଂ ନିଜ ପୁତ୍ରକୁ ଦେଖି କହିଲେ, ହେ ମୋର ପୁତ୍ର ! ବର୍ତମାନ ଏହି ରଣଭୂମିରେ ପ୍ରତ୍ୟେକ ସୈନିକ ନିଜ ପରାକାଷ୍ଠାର ପ୍ରମାଣ ଦେଉଛନ୍ତି, ତୁମେ ତ' ସେନାପତି ତେଣୁ ତୁମର ଅଧିକ ଦାୟିତ୍ୱ ଯେ ତୁମେ ନିଜ ବୀରତ୍ୱର ପ୍ରଦର୍ଶନ କର । ଯଦି ତୁମ ତୁଳନାରେ ଅନ୍ୟ କେହି ବାଜି ମାରିନିଏ ତେବେ ଏହା ତୁମ ପାଇଁ ଲଜ୍ଜାର ବିଷୟ ହେବ । ସରହବିଲ୍‌ର ଅବସ୍ଥା ଏଭଳି ସୋଚନୀୟ ଥିଲା ଯେ, ତାହାକୁ ଶତ୍ରୁ ଚର୍ତୁପାର୍ଶ୍ୱରୁ ଘେରି ନେଇଥିଲେ କିନ୍ତୁ ସେ ପର୍ବତ ପରି ନିଜ ସ୍ଥାନରେ ଦଣ୍ଡାୟମାନ ରହିଥିଲେ ଏବଂ ସେ ଏହା ପାଠ କରୁଥିଲେ: **ଇନ୍ନଲ୍ଲାହା .... ୱ ୟୁକ୍‌ତଲୁନ୍ (ତୌବାଃ:୧୧୧)** ଅର୍ଥାତ:- ଅଲ୍ଲାଃ ବିଶ୍ୱାସକାରୀମାନଙ୍କଠାରୁ ସେମାନଙ୍କ ଧନ ଓ ଜୀବନ (ଏହି ପ୍ରତିଶୃତି ସହ) କ୍ରୟ କରିଛନ୍ତି ଯେ ସେମାନଙ୍କୁ ବୈକୁଣ୍ଠପ୍ରାପ୍ତ ହେବ । (କାରଣ) ସେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଯୁଦ୍ଧ କରନ୍ତି; ତା'ପରେ ସେମାନେ (ଶତ୍ରୁମାନଙ୍କୁ) ହତ୍ୟା କରନ୍ତି ବା (ନିଜେ) ନିହତ ହୁଅନ୍ତି ଏବଂ ସେ ଏହି ନାରା ଅର୍ଥାତ ସ୍ଲୋଗାନ୍ ଲଗାଉଥିଲେ ଯେ, ପ୍ରଭୁଙ୍କ ସହିତ ବ୍ୟବସାୟକାରୀ ଓ ତାଙ୍କ ପଡ଼ୋଶୀ କାହାନ୍ତି ? ଏହି ଶବ୍ଦ ଯାହା କାନରେ ପଡ଼ିଲା ସେ ଅସମ୍ଭାଳ ଓ ଅଣଆୟତ ହୋଇ ପ୍ରତ୍ୟାବର୍ତନ କଲା ଅର୍ଥାତ ଯେଉଁ ସିପାହୀମାନେ ପଛଘୁଂଚା ଦେଇଥିଲେ ସେମାନେ ପ୍ରତ୍ୟାବର୍ତନ କଲେ । ଏପରି ରଣ ଭୂମିରୁ ଚାଲିଯାଉଥିବା ଲୋକମାନେ ପୁଣି ଦମ୍ଭ ଧରିଲେ ଏବଂ ସେମାନଙ୍କୁ ନେଇ ସରହ୍‌ବିଲ୍ ଏଭଳି ମୁକାବିଲା କଲେ ଯେ, ରୋମୀମାନେ ଆଗକୁ ଆଉ ବଢ଼ି ପରିଲେ ନାହିଁ ସେମାନଙ୍କ ପାଦ ଥମି ଗଲା ସେପଟେ ମୁସଲମାନ ମହିଳାମାନେ ଯିଏ ପଛରେ ଛିଡ଼ା ହୋଇଥିଲେ ଚିତ୍କାର କରି କହିଲେ ଯଦି ଏଠାରୁ ପଳାୟନ କର ତେବେ ଆମେ ତୁମମାନଙ୍କ ମୁହଁ ଚାହିଁବୁ ନାହିଁ । ମୁସଲମାନ ସେନାର ଅବସ୍ଥା ଓ ମନବଳ ତଳ ମୁହାଁ ଅର୍ଥାତ ନିମ୍ନଗାମୀ ହୋଇ ଚାଲିଥିଲା ଏବଂ

ରୋମୀମାନଙ୍କ ପକ୍ଷ ମଜ୍‌ଭୁତ ରହିଥିଲା କିନ୍ତୁ ମୁସଲମାନ ଅଫିସରମାନଙ୍କ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ବାକି ଥିଲା ଏବଂ ତହିଁ ଆରପଟୁ ହଠାତ୍ କୈସ୍ ବିନ୍ ହବିରା ଯାହାଙ୍କୁ ଖାଲିଦ୍ ର:ଅ ସେନାର ବାମ ପାର୍ଶ୍ୱରେ ଥିବା ଦଳରେ ମୃତୟନ କରିଥିଲେ ସେ ହଠାତ୍ ଆକ୍ରମଣ କରିଦେଲେ ଓ ଏହି ଆକ୍ରମଣ ଏଭଳି ସାଙ୍ଘାତିକ ଥିଲା ଯେ ରୋମୀମାନେ ତାହାକୁ ସହ୍ୟ କରିପାରିଲେ ନାହିଁ। ପୁନଶ୍ଚ ସଇଦ୍ ବିନ୍ ଜୈଦ୍ ମଧ୍ୟ ଆକ୍ରମଣ କରିଦେଲେ ଯଦ୍ଦ୍ୱାରା ରୋମୀମାନଙ୍କ ଧାଡ଼ି ବିଚ୍ଛୁରିତ ହୋଇଗଲା। ରୋମୀମାନେ ବହୁ ଦୂର ପର୍ଯ୍ୟନ୍ତ ହଟିଗଲେ ଏପରି କି ରଣଭୂମିର ପ୍ରାନ୍ତରେ ଯେଉଁ ନାଳ ରହିଥିଲା ସେଠାରେ ଯାଇ ପହଂଚିଗଲେ ଏବଂ କିଛି କ୍ଷଣ ମଧ୍ୟରେ ସେମାନଙ୍କ ଶବ ଅର୍ଥାତ ରୋମୀମାନଙ୍କର ଶବ ଦ୍ୱାରା ନାଳଟି ପୂର୍ଣ୍ଣ ହୋଇଗଲା ଏବଂ ସମ୍ପୁର୍ଣ୍ଣ ମଇଦାନଟି ଜନଶୂନ୍ୟ ହୋଇଗଲା। ଫଳତଃ ଅଲ୍ଲାଃ ତାଲା ଏହି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ମୁସଲମାନମାନଙ୍କୁ ସର୍ବଶ୍ରେଷ୍ଠ ବିଜୟରେ ବିଭୁଷିତ କରିଥିଲେ।

ଏହି ଯୁଦ୍ଧର ଗୋଟିଏ ଘଟଣା ସ୍ମରଣ ରଖିବା ଯୋଗ୍ୟ ଯେ ଯେତେବେଳେ ଘମାଘୋଟ ଯୁଦ୍ଧ ଚାଲିଥିଲା ସେତେବେଳେ ଜଣେ ମୁସଲମାନ ସିପାହୀ ହବାସ୍ ବିନ୍ କୈସ୍ ଏଭଳି ବିରତ୍ୱର ସହିତ ଲଢ଼ିଲେ ଯେ ତାଙ୍କ ଗୋଡ଼ କଟି ଯାଇଥିବାର ମଧ୍ୟ ତାଙ୍କୁ ଅନୁଭବ ହୋଇନଥିଲା। କିଛି କ୍ଷଣ ପରେ ସେ ଯେତେବେଳେ ଚେତା ଫେରି ପାଇଲେ ସେ ନିଜ ଗୋଡ଼କୁ ଖୋଜିବାକୁ ଲାଗିଲେ ଯେ ମୋର ଗୋଡ଼ଟି କୁଆଡ଼େ ଗଲା ? ସେତେବେଳେ ଦେଖିଲେ କି ତାଙ୍କ ଗୋଡ଼ଟି ଆଉ ନାହିଁ ଏହି କାରଣରୁ ତାଙ୍କ କବିଲାର ଲୋକମାନେ ସର୍ବଦା ଗର୍ବ ଅନୁଭବ କରୁଥିଲେ ଓ ତାଙ୍କର ପ୍ରଶଂସା ଗାନ କରୁଥିଲେ।

ଏହି ଯୁଦ୍ଧରେ ରୋମୀମାନଙ୍କର ସତୁରୀ ହଜାର ଅଥବା ଏକ ଲକ୍ଷ ସିପାହୀ ନୀହତ ହୋଇଥିଲେ। ଯେବେ କି ମୁସଲମାନମାନଙ୍କ ପକ୍ଷରୁ ତିନିହଜାର ସୈନିକ ଶହୀଦ ହୋଇଥିଲେ। ଯେତେବେଳେ କୈସର୍‌ଙ୍କୁ ଅନ୍ତାକିୟାର ପରାଜୟର ଖବର ମିଳିଲା ସେ କୁସ୍ତୁନ୍ତୁନିୟାକୁ ପଳାୟନ କରିବାକୁ ବାହାରିଲା ଓ ସିରିଆ ଆଡ଼କୁ ମୁହଁ କରି କହିଲା "ବିଦାୟ ହେ ସିରିଆ ବିଦାୟ" ! ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ବିଜୟର ସୁସମାଚାର ମିଳିଲା ଆପଣ ର:ଅ ସଙ୍ଗେ ସଙ୍ଗେ ସିଜ୍‌ଦାଃରେ ପଡ଼ିଗଲେ ଏବଂ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କଲେ।

*(ଅଲ୍‌ଫାରୁକ୍....... ପୃ-୧୧୯-୧୩୦.....କରାଚି ୧୯୯୧)*
*(ଅଲ୍‌ଇକ୍ତିଫା......ଖଣ୍ଡ-୨, ପୃ-୨୭୧.......ବେରୁତ ୧୪୨୦ ହିଜ୍‌ରୀ)*
*(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୩୮....ବେରୁତ ୧୯୮୭)*
*(ଅଲ୍‌ବିଦାୟା....... ଖଣ୍ଡ-୯, ପୃ-୫୬୦......୧୯୯୮)*

ୟରମୁକ୍ ଅଭିମୁଖେ ହିମସ୍‌ରୁ ଇସ୍‌ଲାମୀୟ ସେନା ଅସ୍ଥାୟୀ ସାହାଯ୍ୟ ପ୍ରଦାନ କରିବା ସକାଶେ ବାହାରିଥିଲା ଏଥି ସକାଶେ ଜନସାଧାରଣଙ୍କୁ ମଧ୍ୟ ସେମାନଙ୍କ କର ଫେରସ୍ତ କରିଦିଆଯାଇଥିଲା ଏହାର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ସାହାବାମାନେ ରୋମୀମାନଙ୍କର ଯେଭଳି ମୁକାବିଲା କଲେ ଏବଂ ଆଗକୁ ବଢ଼ି ଜେରୁ ଜେଲମ୍ ଯାହାକି ଖ୍ରୀଷ୍ଟଧର୍ମୀଙ୍କ ପୀଠ ସ୍ଥଳୀ ଥିଲା ତାହାକୁ ନିଜ ଅଧିନ କରିନେଇଥିଲେ। ଖ୍ରୀଷ୍ଟଧର୍ମୀମାନେ ଯେତେବେଳେ ଦେଖିଲେ ଯେ ସେମାନଙ୍କ ଧାର୍ମିକ କେନ୍ଦ୍ରସ୍ଥଳ ମୁସଲମାନମାନଙ୍କ ହାତମୁଠାକୁ ଚାଲିଯାଇଛି ସେତେବେଳେ ସେମାନେ ତାହାକୁ ପୂନଃ ଅଧିକାର କରିବାପାଇଁ ସମସ୍ତ ପ୍ରକାର ପ୍ରୟାସ କରିଥିଲେ ଏବଂ ଚର୍ତୁପାର୍ଶ୍ୱରେ ଧର୍ମଯୁଦ୍ଧର ଘୋଷଣା କରିଦେଇଥିଲେ। ଖ୍ରୀଷ୍ଟଧର୍ମୀଙ୍କ ମଧ୍ୟରେ ଏକ ବିପ୍ଳବ ସୃଷ୍ଟି ହୋଇଯାଇଥିଲା ଏବଂ ସେମାନେ ଏକ ବିଶାଳ ସେନା ଏକତ୍ରିତ କରିଥିଲେ ତଥା ମୁସଲମାନମାନଙ୍କ ମୁକାବିଲା ପାଇଁ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେମାନଙ୍କର ଏହି ଆବେଗ ଓ ଆତ୍ମବିଶ୍ୱାସ ଦେଖି କ୍ଷଣକ ପାଇଁ ମୁସଲମାନମାନେ ପଛଘୁଂଚା ଦେବା ପାଇଁ ନିଷ୍ପତି ନେଇଥିଲେ। ଇସ୍‌ଲାମୀୟ ସେନାଧ୍ୟକ୍ଷ ହଜ୍‌ରତ୍ ଉମର୍ ର:ଅଙ୍କୁ ପତ୍ର ଲେଖିଲେ ଶତ୍ରୁ ଏତେ ସଂଖ୍ୟାରେ ରହିଛି ଯେ, ସେମାନଙ୍କ ସହିତ ଆମର ମୁକାବିଲା କରିବା ନିଜକୁ ଧ୍ୱସଂ କରିବା ସମତୁଲ ହେବ। ତେଣୁ ଯଦି ଆପଣ ଅନୁମତି ପ୍ରଦାନ କରନ୍ତି ତେବେ ଆମେ ପଛକୁ ଫେରିଯିବୁ ଏବଂ ନିଜ ଶକ୍ତି ବଢ଼ାଇ ଶତ୍ରୁର ମୁକାବିଲା ପାଇଁ ଅଂଟା ଭିଡ଼ିବୁ। ପୁନଶ୍ଚ ଜନସାଧାରଣଙ୍କଠାରୁ ଆଦାୟ କରିଥିବା ଟ୍ୟାକ୍ସ ପ୍ରସଙ୍ଗରେ ମଧ୍ୟ ପରାମର୍ଶ ଲୋଡ଼ା ଯାଇଥିଲା ଯେ ସେଥିସଂକ୍ରାନ୍ତରେ କି ଆଦେଶ ରହିଛି ? ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ ନିଜର ଶକ୍ତି ଓ ସାମର୍ଥ୍ୟକୁ ଏକତ୍ରିତ କର ଏବଂ ସଂଘଠିତ ହେବା ପାଇଁ ଓ ଶକ୍ତି ଜୁଟାଇବା ପାଇଁ ପଶ୍ଚାତପଦ ଦେବା ଇସ୍‌ଲାମୀୟ ଶିକ୍ଷାର ଖିଲାଫ ନୁହେଁ କିନ୍ତୁ ମନେରଖ ସେହି ଅଂଚଳର ବାସିନ୍ଦାଙ୍କଠାରୁ ଯେଉଁ ସର୍ତରେ ଅର୍ଥ ଆଦାୟ କରିଥିଲ ଅର୍ଥାତ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ଯଦି ତୁମେ ତାହା ପୂରଣ କରୁନାହଁ, ସେମାନଙ୍କୁ ସୁରକ୍ଷା ପ୍ରଦାନ କରିପାରୁନାହଁ ତେବେ ଲୋକମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରିବା ତୁମମାନଙ୍କ ପକ୍ଷେ ଅନିବାର୍ଯ୍ୟ। ହଜ୍‌ରତ୍ ଉମର୍ ର:ଅଙ୍କର ନ୍ୟାୟପୂର୍ଣ୍ଣ ଆଦେଶ ମିଳିବା ମାତ୍ରେ ଇସ୍‌ଲାମୀୟ ସେନାଧ୍ୟକ୍ଷ ଉକ୍ତ ଅଂଚଳର ଦାୟିତ୍ୱବାନ ବ୍ୟବସାୟୀ ଓ ଅନ୍ୟାନ୍ୟ ଲୋକମାନଙ୍କୁ ଡ଼ାକି ଡ଼ାକି ସେମାନଙ୍କଠାରୁ ଆଦାୟ କରିଥିବା ଅର୍ଥ ରାଶି ସେମାନଙ୍କୁ ଫେରସ୍ତ କରିଦେଇଥିଲେ ଏବଂ ସେମାନଙ୍କୁ କହିଲେ, ଏହି ଅର୍ଥ ଆମେ ଆପଣଙ୍କଠାରୁ ଏ ହି ସର୍ତରେ ସଂଗ୍ରହ କରିଥିଲୁ ଯେ, ଇସ୍‌ଲାମୀୟ ସେନା ଆପଣଙ୍କ ଧନଜୀବନର ସୁରକ୍ଷା କରିବ। କିନ୍ତୁ ବର୍ତମାନ ଯେହେତୁ ଶତ୍ରୁ ମୁକାବିଲାରେ ନିଜକୁ ଆମେ ଦୁର୍ବଳ ମନେକରିଛୁ ତେଣୁ ଆମେ କିଛି ସମୟ ପାଇଁ ଅସ୍ଥାୟୀ ରୂପେ ପଶ୍ଚାତପଦ ଦେଉଛୁ ତେଣୁ ଆପଣମାନଙ୍କୁ ଆଉ ସୁରକ୍ଷା ପ୍ରଦାନ କରିପାରିବୁନାହୁଁ। ସୁତରାଂ ଏପରି ଅବସ୍ଥାରେ ଏହି ଅର୍ଥକୁ ନିଜ ନିକଟରେ ରଖିବା ନ୍ୟାୟସଙ୍ଗତ ନୁହେଁ।

ଏହା ଏଭଳି ନମୁନା ଥିଲା ଯାହାକି ବିଶ୍ୱ ଇତିହାସରେ ଅନ୍ୟ କୌଣସି ରାଜା ମହାରାଜା ଅବା ପ୍ରତାପି ସମ୍ରାଟ ପ୍ରଦର୍ଶନ କରିନଥିଲେ। ସମ୍ରାଟମାନେ ଯେତେବେଳେ କୌଣସି ଅଂଚଳରୁ ହଟି ଥାଆନ୍ତି ସେମାନେ କର ଟିକସ ଯାହା ସେମାନେ ଅଧିନସ୍ତ ଇଲାକାରୁ ଆଦାୟ କରିଥାନ୍ତି ତାହା ଫେରସ୍ତ କରିବା ପରିବର୍ତେ ଆହୁରି ଅଧିକ ଲୁଣ୍ଠନ କରିଚାଲିଥାନ୍ତି କାରଣ ସେମାନେ ଏହା ମଣିଥାନ୍ତି ଯେ ବର୍ତମାନ ଏହି ଅଂଚଳ ତ' ଆମ ହାତମୁଠାରୁ ଖସି ଯାଉଛି, ଅନ୍ୟ ହାତକୁ ଚାଲିଯାଉଛି ତେଣୁ ଯେଭଳି ଫାଇଦା ଉଠାଇବାର ଅଛି ଫାଇଦା ଉଠାଇନେବା ପୁନଶ୍ଚ ଯେତେବେଳେ ସେମାନେ ସେଠାରେ ଆଉ ରହିବାର ନାହିଁ ତେଣୁ ବଦ୍‌ନାମ ହେବାର ମଧ୍ୟ ଭୟର ଅବକାଶ ନଥାଏ। ଯଦି କୌଣସି ଉଚ୍ଚ ସ୍ତରର ଶୃଙ୍ଖଳିତ, ସୁସଂଘଠିତ ପ୍ରଶାସନ ଥାଏ ତେବେ ସେ ଏପରି ଅବସ୍ଥାରେ ଅଧିକରୁ ଅଧିକ ଏହା କରିଥାଏ ଯେ, ନୀରବତାର ସହିତ ସେନାକୁ ପଛକୁ ହଟାଇ ଦେଇଥାଏ ଏବଂ ଜନସାଧାରଣଙ୍କୁ ଲୁଣ୍ଠନ କରିବାକୁ ବାରଣ କରିଥାଏ। କିନ୍ତୁ ଏହାର ବିପରୀତ ଇସ୍‌ଲାମୀୟ ସେନା ଯେଉଁ ନମୁନା ପ୍ରଦର୍ଶନ କରିଥିଲା ତାହା ସୃଷ୍ଟିର ପ୍ରାରମ୍ଭରୁ କଦାପି କୌଣସି ରାଜା ପ୍ରଦର୍ଶନ କରିନଥିଲେ କେବଳ ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ହିଁ ଏହା ଦୃଶ୍ୟମାନ ହୋଇଥିଲା କିନ୍ତୁ ଦୁଃଖର ବିଷୟ ଏହା କି ଯଦି ପରବର୍ତୀ ଯୁଗକୁ ସାମିଲ କରିଦିଆଯାଏ। ତେବେ ମଧ୍ୟ ଏହିପରି କୌଣସି ଉଦାହରଣ ଏ ଦୁନିଆରେ ମିଳୁନାହିଁ ଯେ, ଆଦାୟ କରିଥିବା ଟ୍ୟାକ୍ସ ବା କର ଜନସାଧାରଣଙ୍କୁ କେହି ଫେରସ୍ତ କରିଥିବେ। ମୁସଲମାନମାନଙ୍କ ଏହି ଆଚରଣର ପ୍ରଭାବ ଖ୍ରୀଷ୍ଟଧର୍ମାଲମ୍ବୀମାନଙ୍କ ଉପରେ ଏଭଳି ପଡ଼ିଥିଲା ଯେ, ଯଦିଚ ମୁସଲମାନମାନଙ୍କ ବିପକ୍ଷରେ ଅର୍ଥାତ ଶତ୍ରୁପକ୍ଷରେ ସେହିମାନଙ୍କ ଭାଇବନ୍ଧୁ ହିଁ ସାମିଲ ଥିଲେ ଏବଂ ଏହି ଯୁଦ୍ଧକୁ ଧାର୍ମିକ ଯୁଦ୍ଧ ଦର୍ଶାଯାଇ ଲୋକମାନଙ୍କୁ ଏକତ୍ରିତ କରାଯାଇଥିଲା ଏବଂ ଯେଉଁ ଧର୍ମପୀଠକୁ ମୁସଲମାନମାନେ ଅଧିକୃତ କରିନେଇଥିଲେ ତାହାକୁ ପୁନଃ ଅଧିକାର କରିବାପାଇଁ ଏହି ସଂଘର୍ଷ ପାଇଁ ବାହାରିଥିଲେ ତଥାପି ଖ୍ରୀଷ୍ଟଧର୍ମ ପୁରୁଷ ଓ ମହିଳାମାନେ ଘରୁ ବାହାରି ମୁସଲମାନମାନଙ୍କ ସକାଶେ ରୋଦନ କରୁଥିଲେ ଏବଂ ଏହି ଦୁଆ କରୁଥିଲେ ଯେ, ମୁସଲମାନମାନେ ପୁର୍ନବାର ଆମ ହାକିମ୍ ସାଜନ୍ତୁ ଓ ଆମ ପ୍ରଶାସକ ହୁଅନ୍ତୁ ଓ ପୂନର୍ବାର ଆମ ପାଖକୁ ଫେରି ଆସନ୍ତୁ।"

***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୪, ପୃ-୧୫-୧୭)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କର ଇତିହାସ ସମ୍ବଳିତ ଜ୍ଞାନ ଅଧିକ ଥିଲା। ଆପଣଙ୍କର ବିଶ୍ୱାସ ଥିଲା ଯେ, ହଜରତ ଅବୁ ଉବୈଦାଃ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ପରାମର୍ଶ କ୍ରମେ ଖ୍ରୀଷ୍ଟଧର୍ମୀଙ୍କୁ ସେମାନଙ୍କ ଟିକସ ଫେରସ୍ତ କରିଦେଇଥିଲେ। ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ୟର୍‌ମୁକ୍ ଯୁଦ୍ଧରେ ଯେତେବେଳେ ମୁସଲମାନ ସୈନିକମାନେ ବହୁ ସଂଖ୍ୟାରେ ନୀହତ ହୋଇଥିଲେ ସେତେବେଳେ ଇସ୍‌ଲାମୀୟ ସେନାଧ୍ୟକ୍ଷ ହଜରତ ଅବୁ ଉବୈଦାଃ ର:ଅ କହିଲେ, ମୁଁ ଚାହୁଁଛି କିଛି ଏଭଳି ବୀର ଆଗକୁ ଆସନ୍ତୁ ଯିଏ ସଂଖ୍ୟାରେ ତ' ସ୍ୱଳ୍ପ ହୋଇଥାନ୍ତୁ କିନ୍ତୁ ଜୀବନର ବାଜି ଲଗାଇବାରେ ରୋମୀମାନଙ୍କୁ ନିଜ ପରାକ୍ରମତାର ନମୁନା ଦେଖାନ୍ତୁ। ଏହା ଶୁଣି ହଜରତ ଅକ୍‌ରମା ଆଗକୁ ଆସିଲେ ଏବଂ ସେନାଧ୍ୟକ୍ଷଙ୍କୁ କହିଲେ, ଯଦି ମତେ ମୋ ମନ ମୁତାବକ କିଛି ଲୋକ ଚୟନ କରିବାର ସୁଯୋଗ ଦିଆଯାଏ ତେବେ ମୁଁ ସେମାନଙ୍କୁ ନେଇ ଶତ୍ରୁର ମୂଖ୍ୟ ସ୍ଥଳୀରେ ପ୍ରବେଶ କରି ଆକ୍ରମଣ କରିଦିଅନ୍ତି ଏବଂ ସେମାନଙ୍କ ସେନାଧ୍ୟକ୍ଷକୁ ବନ୍ଧ କରିବାକୁ ଚେଷ୍ଟା କରନ୍ତି। ସେତେବେଳେ ରୋମୀ ସେନାଧ୍ୟକ୍ଷ ବେଶ୍ ବୀରତ୍ୱର ସହିତ ଯୁଦ୍ଧ ଲଢୁଥିଲା ଏବଂ ସମ୍ରାଟ ତାହାକୁ ପ୍ରତିଶୃତି ଦେଇଥିଲା ଯେ, ଯଦି ମୁସଲମାନମାନଙ୍କ ଉପରେ ତୁମେ ବିଜୟ ପ୍ରାପ୍ତ କରିନିଅ ତେବେ ନିଜ କନ୍ୟାକୁ ତୁମ ସହିତ ବିବାହ ଦେବି ଏବଂ ନିଜର ଅଧା ସାମ୍ରାଜ୍ୟ ତୁମ ନିକଟରେ ଟେକି ଦେବି। ଏହି ଲାଳସାରେ ସେ ବ୍ୟଗ୍ର ଥିଲା ଏବଂ ନିଜ ସେନା ଓ ରାଜାଙ୍କ ସେନାକୁ ଯୁଦ୍ଧ କ୍ଷେତ୍ରରେ ଓହ୍ଲାଇ ଦେଇଥିଲା। ସେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ହେ ମୁସଲମାନମାନେ ! ଅଲ୍ଲାଃ ତାଲା ତୁମମାନଙ୍କ ସହିତ ନିଜର ପ୍ରତିଶୃତିକୁ ପୁରଣ କରି ଦେଇଛନ୍ତି ଏବଂ ସେ ଶତୃମାନଙ୍କ ବିପକ୍ଷରେ ତୁମକୁ ସାହାଯ୍ୟ କରିଛନ୍ତି ଏବଂ ତୁମମାନଙ୍କୁ ସେହି ସମସ୍ତ ଦେଶଗୁଡ଼ିକର ମାଲିକାନା ଦେଇଛନ୍ତି ଓ ତୁମମାନଙ୍କୁ ଏ ଭୂପୃଷ୍ଠ ଉପରେ ଶକ୍ତି ପ୍ରଦାନ କରିଛନ୍ତି । ସୁତରାଂ ତୁମେ ନିଜର ପ୍ରଭୁଙ୍କ କୃପା ଯୋଗୁଁ କୃତଜ୍ଞ ହେବା ଉଚିତ । ତୁମେମାନେ ଅବାଧ କାର୍ଯ୍ୟରୁ ଦୂରରେ ରୁହ କାରଣ ଅବାଧ କାର୍ଯ୍ୟ ଦ୍ୱାରା ଈଶ୍ୱରଙ୍କ ଆର୍ଶୀବାଦକୁ ଅବଜ୍ଞା କରାଯାଇଥାଏ । ଏପରି କୂଚିତ ହୋଇଥାଏ ଯେ ଅଲ୍ଲାଃ କୌଣସି ଜାତି ଉପରେ ତା'ର କୃପା ଅବତୀର୍ଣ୍ଣ କରିଥିବ ଓ ସେମାନେ ଅବଜ୍ଞା କରିଥିବେ । ଯଦି ସେମାନେ ଯଥା ଶିଘ୍ର ତୌବାଃ ଅର୍ଥାତ ପଶ୍ଚାତାପ ନ କରିଥିବେ, ତା'ହେଲେ ଅଲ୍ଲାଃ ତାଲା ସେମାନଙ୍କର ମାନ ସମ୍ମାନକୁ ଛଡ଼ାଇ ନେଇଥାନ୍ତି ଓ ସେମାନଙ୍କ ଉପରେ ସେମାନଙ୍କ ଶତୃଙ୍କୁ ଅଧିଷ୍ଠିତ କରିଦିଆଯାଇଥାଏ । ଈଶ୍ୱର ଆମକୁ ଯେଉଁ ସମ୍ମାନ ଦେଇଛନ୍ତି, ତାହା ହେଉଛି ଇସ୍‌ଲାମ୍‌ର ସମ୍ମାନ ଏବଂ ଆମ ପାଇଁ ଏହା ଯଥେଷ୍ଟ । (ହଜରତ ଉମର୍ ର:ଅ)**

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା**

**ହଜରତ ଉମର ର:ଅଙ୍କ ଇଲିୟା ଗସ୍ତ, ବୟତୁଲ୍ ମୋକଦ୍ଦସ୍ ବିଜୟ, ହିର୍‌କଲ୍ ତରଫରୁ ହିମସ୍‌ର ଅବରୋଧ ଏବଂ ତାହାର ପ୍ରତିରୋଧ କରାଯିବାର ବିସ୍ତୃତ ବର୍ଣ୍ଣନା**

**ତିନିଜଣ ମର୍‌ହୁମିନ୍, ମୋକରମ୍ ଚୌଧୁରୀ ସଇଦ୍ ଅହେମଦ୍ ଲଖନ୍ ସାହେବ୍ (ରିଟାଏଡ୍ ଷ୍ଟେସନ ମାଷ୍ଟର ବର୍ତମାନ ଅବସ୍ଥାନ କାନାଡ଼ା), ମୋକରମ୍ ଶାହାବୁଦ୍ଦିନ୍ ସାହେବ୍ (ନାଏବ୍ ନ୍ୟାଶ୍‌ନାଲ୍ ଅମୀର୍ ବଙ୍ଗଳାଦେଶ) ଏବଂ ଆର୍ଜେଂଟାଇନ୍ ଦେଶର ପ୍ରାରମ୍ଭିକ ସ୍ଥାନୀୟ ଅହେମଦୀ ମୋକରମ୍ ରାଓ୍ୱଲ୍ ଅବ୍‌ଦୁଲ୍ଲାଃ ସାହେବଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ୍ ପାଠ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୨୪ ସେପ୍ଟେମ୍ବର ୨୦୨୧ ଅନୁଯାୟୀ ୨୪ ତବୁକ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ମୁଁ ବୈତୁଲ୍ ମୁକଦ୍ଦସ୍ ର ବିଜୟ ଯାହାକି ୧୫ ହିଜରୀରେ ଘଟିଥିଲା ତାହାର ଚର୍ଚ୍ଚା କରିବି ହଜରତ ଅମ୍‌ରୋ ବିନ୍ ଆସ୍ ର:ଅଙ୍କ ନେତୃତ୍ୱରେ ଇସ୍‌ଲାମୀୟ ସେନା ବୟତୁଲ୍ ମୁକଦ୍ଦସ୍‌କୁ ଘେରାଉ କରିନେଲା ଏବଂ ହଜରତ ଅବୁ ଉବୈଦାଃ ର:ଅଙ୍କ ସେନାଦଳ ବି ତାଙ୍କ ସହିତ ଯାଇ ଯୋଗ ଦେଲା । ଖ୍ରୀଷ୍ଟଧର୍ମୀମାନେ ମୁସଲମାନମାନଙ୍କ ଦୀର୍ଘ କାଳର ଘେରାଉରେ ଅତିଷ୍ଠ ହୋଇ ଏହି ସର୍ତରେ ସନ୍ଧି କରିବାର ପ୍ରସ୍ତାବ ଦେଲେ ଯେ ସନ୍ଧି ଚୁକ୍ତି କରିବାପାଇଁ ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ବୈତୁଲ୍ ମୁକଦ୍ଦସ୍ ଆସନ୍ତୁ । ଏହି ସୁଚନା ପାଇବା ପରେ ହଜ୍‌ରତ୍ ଉମର୍ ର:ଅ ସାହାବାମାନଙ୍କ ସହିତ ପରାମର୍ଶ କଲେ ହଜରତ ଅଲୀ ର:ଅ ସେଠାକୁ ଯିବା ପାଇଁ ପରାମର୍ଶ ଦେଲେ ଏବଂ ହଜରତ ଉମର୍ ର:ଅ ତାଙ୍କର ଏହି ପରାମର୍ଶକୁ ପସନ୍ଦ କଲେ । ପୁଣି ହଜରତ ଉମର୍ ର:ଅ ହଜରତ ଅଲୀ ର:ଅଙ୍କୁ ମଦିନାର ଅମୀର୍ ଭାବରେ ନିଯୁକ୍ତ କଲେ । ଆଉ ଏକ ହଦିସ୍‌ରେ ବର୍ଣ୍ଣିତ ଅଛି ଯେ ସେ ହଜରତ ଉସ୍‌ମାନ୍ ର:ଅଙ୍କୁ ଅମୀର ଭାବରେ ନିଯୁକ୍ତ କରିଥିଲେ । କେତେକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ହଜରତ ଉସ୍‌ମାନ୍ ର:ଅଙ୍କୁ ମଦିନାର ଅମୀର ମୁତୟନ କରିଥିଲେ ତ ଆଉ କେତେକ ବର୍ଣ୍ଣନା ଅନୁଯାୟୀ ହଜରତ ଅଲୀ ର:ଅଙ୍କୁ ମଦିନାର ଅମୀର ମୁତୟନ କରି ବୈତୁଲ୍ ମୁକଦ୍ଦସ୍ ଅଭିମୁଖେ ବାହାରି ଯାଇଥିଲେ । ଆପଣଙ୍କର ଏହି ଯାତ୍ରା  କୌଣସି ସାଧାରଣ ଯାତ୍ରା ନଥିଲା ଏହି ଯାତ୍ରାର ଉଦ୍ଦେଶ୍ୟ ଇସ୍‌ଲାମର ପରାକାଷ୍ଠା ଓ ଭବ୍ୟତା ଲୋକମାନଙ୍କ ହୃଦୟରେ ସ୍ଥାପନ କରିବା ଥିଲା । କିନ୍ତୁ ଏଥିସକାଶେ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ କୌଣସି ସେନାବାହିନୀ ନଥିଲେ । ଏହି ଅଭିଯାନରେ ହଜ୍‌ରତ୍ ଉମର୍ ର:ଅ ଅତ୍ୟନ୍ତ ସରଳ ଓ ସାମାନ୍ୟ ଅବସ୍ଥାରେ ମାତ୍ର କିଛି ସାହାବାଙ୍କୁ ଅବା ନିଜର ଜଣେ ଦାସଙ୍କୁ ସାଥିରେ ନେଇ ବାହାରି ଯାଇଥିଲେ ତଥାପି ଆପଣଙ୍କ ଆଗମନର ଖବର ଯେଉଁ ସ୍ଥଳେ ପହଂଚୁଥିଲା ସେହି ପର୍ଯ୍ୟନ୍ତ ଅର୍ଥାତ ସେହି ସ୍ଥାନ ପର୍ଯ୍ୟନ୍ତ ଭୂମି ପ୍ରକମ୍ପିତ ହୋଇ ଉଠୁଥିଲା । ***(ତାରିଖେ ଇବ୍‌ନେ ଖୁଲ୍‌ଦୁନ୍ ମୁତରଜିମ୍ ଖଣ୍ଡ-୩, ଭାଗ-୧, ପୃ-୨୦୭......କରାଚି ୨୦୦୯)***

ଏଠାରେ ଏହାର ସ୍ପଷ୍ଟିକରଣରେ ଯାତ୍ରାର ଏକ ସଂକ୍ଷିପ୍ତ ଅବସ୍ଥା ବର୍ଣ୍ଣନା କରାଯାଇଅଛି । କିନ୍ତୁ ଏଥିରେ ବିଶେଷ ବ୍ୟାଖ୍ୟା କରାଯାଇନାହିଁ ।  ସେ ଯାହା ହେଉ ଏଲିୟା ଏକ ସହର ଥିଲା, ଯେଉଁ ସହରରେ ବୈତୁଲ୍ ମୁକଦ୍ଦସ୍ ରହିଥିଲା । ତାହାର ଘେରାଉ କିଏ କରିଥିଲା ଏବଂ କିଏ ହଜରତ ଉମର୍ ର:ଅଙ୍କୁ ବୈତୁଲ୍ ମୁକଦ୍ଦସ୍ ଆସିବାକୁ ନିବେଦନ କରିଥିଲେ ସେଥି ସଂକ୍ରାନ୍ତରେ ତବ୍‌ରୀର ଇତିହାସ ପୁସ୍ତକରେ ଉଲ୍ଲେଖ ରହିଛି ଯେ, ହଜରତ ଅମରୋ ବିନ୍ ଆସ ହଜ୍‌ରତ୍ ଉମର୍ ର:ଅଙ୍କୁ ସୈନ୍ୟ ସହାୟତା ମାଗିଥିଲେ ଏବଂ ଏଥିପାଇଁ ହଜ୍‌ରତ୍ ଉମର୍ ର:ଅଙ୍କୁ ପତ୍ର ଲେଖିଥିଲେ ସେଥିରେ ସେ ପରାମର୍ଶ ମଧ୍ୟ ଦେଇଥିଲେ, ଅର୍ଥାତ ହଜରତ ଅମରୋ ବିନ୍ ଆସ ନିବେଦନ କରିଥିଲେ ଯେ, ମୁଁ ଘମାସାନ ଯୁଦ୍ଧର ସମ୍ମୁଖିନ ହୋଇଛି ଆହୁରି ଅନେକ ସହର ସହିତ ଯୁଦ୍ଧ କରିବା ବାକି ଅଛି ତେଣୁ ମୁଁ ଏଇ ପରିପ୍ରେକ୍ଷୀରେ ଆପଣଙ୍କ ମାର୍ଗଦର୍ଶନ ଲୋଡୁଅଛି । ଯେତେବେଳେ ଏହି ପତ୍ର ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ପହଂଚିଲା ସେତେବେଳେ ଆପଣ ର:ଅ ଏକଥା ବୁଝିଗଲେ ଯେ ହଜରତ ଅମ୍‌ରୋ ର:ଅ ଏକଥା ସମସ୍ତ ସୂଚନା ମିଳିବା ପରେ ହିଁ ଲେଖିଥିବେ । ପୁଣି ସର୍ବସାଧାରଣରେ ଏହି ଘୋଷଣା କରିଦେଲେ ଏବଂ ଯାତ୍ରାରେ ବାହାରି ପଡ଼ିଲେ । ***(ତାରିଖୁଲ୍ ତିବ୍‌ରୀ ଖଣ୍ଡ-୨, ଭାଗ-୨, ପୃ-୮୦୪.....କରାଚି ୨୦୦୪)***

ତିବ୍‌ରୀରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ଉମର୍ ର:ଅଙ୍କ ସିରିୟା ଗସ୍ତ କରିବାରେ ଉଦ୍ଦେଶ୍ୟ ଏହା ଥିଲା ଯେ ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅ. ବୈତୁଲ୍ ମୁକଦ୍ଦସ୍‌ରେ ପହଂଚିଲେ ସେତେବେଳେ ସେଠାକାର ଲୋକମାନେ ଆପଣଙ୍କ ସହିତ ସିରିୟାର ଅନ୍ୟାନ୍ୟ ସହର ପରି ସନ୍ଧି କରିବାକୁ ମନ ବଳାଇଲେ । ସେମାନଙ୍କ ମନବାଞ୍ଛା ଓ ଅଭିଳାଷା ଏହା ଥିଲା ଯେ, ଏହି ସନ୍ଧିରେ ମୁସଲମାନମାନଙ୍କର ସର୍ଦ୍ଦାର ଓ ଖଲିଫା ହଜ୍‌ରତ୍ ଉମର୍ ର:ଅ ମଧ୍ୟ ସାମିଲ ହୁଅନ୍ତୁ । ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅ ଏକଥା ଲେଖି ହଜ୍‌ରତ୍ ଉମର୍ ର:ଅଙ୍କୁ ପତ୍ର ପ୍ରେରଣ କଲେ

ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଏହି ପ୍ରସ୍ତାବକୁ ପସନ୍ଦ କରି ମଦିନାରୁ ସିରିୟା ଅଭିମୁଖେ ବାହାରି ପଡ଼ିଥିଲେ । ***(ତାରିଖୁଲ୍ ତିବ୍‌ରୀ ଖଣ୍ଡ-୨, ପୃ-୪୪୯...... ବେରୁତ ୨୦୧୨) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୧, ପୃ-୩୪୮..... ବେରୁତ)***

କିନ୍ତୁ ହଜରତ ଅବୁ ଉବୈଦାଃ ର:ଅଙ୍କ ବର୍ଣ୍ଣନା ଉପରେ କିଛି ଐତିହାସିକ ସନ୍ତୁଷ୍ଟ ନୁହନ୍ତି । ମୁହମ୍ମଦ ହୁସୈନ୍ ହୈକଲ୍ ଏ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି ଯେ ଏହା ମଧ୍ୟ ଜରୁରୀ ଯେ, ଆମେ ଏହି ବର୍ଣ୍ଣନାକୁ ପ୍ରକୃତ ଘଟଣାଠାରୁ ଭିନ୍ନ ମଣିବା । ତାଙ୍କର କହିବା ହେଉଛି ଏହା କି ହଜରତ ଖାଲିଦ୍ ଅବା ହଜରତ ଅବୁ ଉବୈଦାଃ ର:ଅ ଏକାକି ଅବା ସାମୁହିକ ରୂପେ ବୈତୁଲ୍ ମୁକଦ୍ଦସ୍‌ର ଘେରାଉ କରିଥିଲେ ଯେପରି କି ତିବ୍‌ରୀରେ ଦରଜ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ସିରିୟା ଆଗମନର ଅଭିପ୍ରାୟ ଏହା ଥିଲା ଯେ ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅ ବୈତୁଲ୍ ମୁକଦ୍ଦସ୍‌ର ଘେରାଉ କଲେ ସେତେବେଳେ ସେଠାକାର ଲୋକମାନେ ଆପଣଙ୍କ ସହିତ ସିରିୟାର ଅନ୍ୟାନ୍ୟ ସହର ପରି ସନ୍ଧି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେମାନଙ୍କ ଅଭିଳାଷା ଏହା ଥିଲା ଯେ, ମୁସଲମାନମାନଙ୍କର ସର୍ଦ୍ଦାର ଆସି ଏହି ସନ୍ଧିରେ ସାମିଲ ହୁଅନ୍ତୁ ଓ ଏହି ସନ୍ଧି ଚୁକ୍ତିକୁ ସମ୍ପୂର୍ଣ୍ଣ କରନ୍ତୁ । ହଜରତ ଅବୁ ଉବୈଦାଃ ଯେବେ ଖିଲାଫତ୍‌ର ଦରବାରରେ ଏହାର ଏତେଲା ଦେଲେ ହଜରତ ଉମର୍ ର:ଅ ମଦିନାରୁ ବାହାରି ପଡ଼ିଲେ । ସେ ଲେଖିଛନ୍ତି ଯେ, ଆମେ ଏହି ବର୍ଣ୍ଣନାକୁ ଅସଲ ଘଟଣାର ବିପରୀତ ବୋଲି ମନେ କରୁଛୁ କାରଣ ବୈତୁଲ୍ ମୁକଦ୍ଦସ ଘେରାଉ ସମୟରେ ହଜରତ ଅବୁ ଉବୈଦାଃ ର:ଅ ଓ ହଜରତ ଖାଲିଦ୍ ର:ଅ ହିମସ୍, ହଲବ୍ ଓ ଅନ୍‌ତାକିୟା ଆଦି ସହରର ବିଜୟ କରିବାର କାର୍ଯ୍ୟରେ ବ୍ୟସ୍ତ ରହିଥିଲେ ଏବଂ ହର୍‌କଲ୍ ସେମାନଙ୍କ ମୁକାବିଲାରେ ରୁହା ନାମକ ସ୍ଥାନରେ ବସି ସୈନିକ ଏକତ୍ରିତ କରୁଥିଲା ଯଦ୍ୱାରା ମୁସଲମାନମାନଙ୍କୁ ପଛଘୁଂଚା ଦେବା ପାଇଁ ବାଧ୍ୟ କରିପାରିବ । ଏହି ଘଟଣା ୧୫ ହିଜରୀର ଅର୍ଥାତ ୬୩୬ ଖ୍ରୀ.ଅ ରେ ଘଟିଥିଲା । ତାଙ୍କ କହିବା ଅନୁଯାୟୀ ଏହା ସଠିକ୍ ଅଟେ । ଯେତେବେଳେ କି ବୈତୁଲ୍ ମୁକଦ୍ଦସ୍‌କୁ ସେହି ବର୍ଷ ଅନେକ ମାସ ପର୍ଯ୍ୟନ୍ତ ମୁସଲମାନମାନେ ଘେରାଉ କରି ରଖିଥିଲେ ଯେଉଁ ବର୍ଷ ଏହି ଦୁଇ ସେନାଧ୍ୟକ୍ଷ ସିରିୟା ବିଜୟ ଲକ୍ଷ୍ୟରେ ଆଗକୁ ଆଗ ବଢ଼ି ଚାଲିଲେ ଏପରି କି ସେମାନେ ହର୍‌କଲ୍‌କୁ ମଧ୍ୟ ନିଜ ରାଜଧାନୀରେ ଶରଣ ନେବା ପାଇଁ ବାଧ୍ୟ କରିଦେଇଥିଲେ । ଏପରି କାର୍ଯ୍ୟ ବ୍ୟସ୍ତତା ସମୟରେ ଯେତେବେଳେ ସେମାନେ ସେପଟେ ଏହି କାର୍ଯ୍ୟ ସମ୍ପାଦନ କରୁଥିଲେ ସେତେବେଳେ ସେମାନଙ୍କ ପ୍ରସଙ୍ଗରେ ଏହା କହିବା ଅର୍ଥାତ ହଜରତ ଅବୁ ଉବୈଦାଃ ର:ଅ ଓ ହଜରତ ଖାଲିଦ୍‌ଙ୍କ ପ୍ରସଙ୍ଗରେ ଏହା କହିବା ଯେ, ସେ ଦୁହେଁ ଅବା ସେମାନଙ୍କ ମଧ୍ୟରୁ କେହି ଜଣେ ବୈତୁଲ୍ ମୁକଦ୍ଦସ୍‌ର ଘେରାଉ କରିଥିଲେ ବୋଲି ଏହା କୌଣସି ମତେ ସତ୍ୟ ନୁହେଁ ବା ସଠିକ୍ ମନେ ହେଉନାହିଁ । ଏଣୁ ଏହା ସ୍ୱୀକାର ଯୋଗ୍ୟ ନୁହେଁ । ବର୍ତମାନ ଏହି ବର୍ଣ୍ଣନା ବାକି ରହିଗଲା ଯେ, ବୈତୁଲ୍ ମୁକଦ୍ଦସ୍‌ର ଘେରାଉ ହଜରତ ଅମ୍‌ରୋ ବିନ୍ ଆସ କରିଥିଲେ ଯାହାକି ଦୀର୍ଘ ସମୟ ପର୍ଯ୍ୟନ୍ତ ଅଭ୍ୟାହତ ରହିଥିଲା ଏବଂ ପ୍ରଥମେ ତିବ୍‌ରୀରେ ମଧ୍ୟ ଏହି କଥା ଉଲ୍ଲେଖ ରହିଛି ଏବଂ ବୈତୁଲ୍ ମୁକଦ୍ଦସ୍‌ର ଅଧିବାସୀମାନେ ବେଶ୍ ଉତ୍ସାହ ଓ ଦୃଢ଼ତାର ସହିତ ମୁସଲମାନମାନଙ୍କର ମୁକାବିଲା କଲେ ଏବଂ ଏହି ବର୍ଣ୍ଣନାଟି ହିଁ ଆମ ରାୟରେ ମଧ୍ୟ ସଠିକ୍ ମନେ ହେଉଛି ଅର୍ଥାତ ଯେଉଁ ମୁକାବିଲା ହୋଇଥିଲା ସେଥିରୁ ଏହା ପ୍ରମାଣିତ ହେଉଅଛି । ***(ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୬୫-୩୬୬.... କୁତୁବ୍ ଖାନା ଲାହୋର୍)***

ମୁହମ୍ମଦ ହୁସୈନ୍ ହୈକଲ୍‌ଙ୍କ କହିବାନୁଯାୟୀ ହଜ୍‌ରତ୍ ଉମର୍ ର:ଅ କେବଳ ସନ୍ଧି କରିବା ଉଦ୍ଦେଶ୍ୟ ନେଇ ମଦିନାରୁ ବାହାରି ନଥିଲେ ବରଂ ଯେତେବେଳେ ହଜରତ ଅମରୋ ବିନ୍ ଆସ ର:ଅ ଆପଣଙ୍କ ନିକଟକୁ ଅଧିକ ସୈନ୍ୟ ସାହାଯ୍ୟ ମାଗିଥିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଧୈର୍ଯ୍ୟ ରୁପକ ବନ୍ଧ ଭାଙ୍ଗି ଯାଇଥିଲା ଆପଣ ର:ଅ ସ୍ୱୟମ ସିରିୟା ଓ ଉର୍ଦ୍ଦୁନ୍‌ର ମଧ୍ୟବର୍ତୀ ଅଂଚଳ ଜାବିୟା ଅଭିମୁଖେ ବାହାରିବା ପାଇଁ ମନ ବଳାଇଥିଲେ ଏବଂ ଏହି କଥା ସର୍ବସାଧାରଣରେ ଘୋଷଣା କରିଦେଇଥିଲେ । ଏତିକି ବେଳେ ହଜରତ ଅବୁ ଉବୈଦାଃ ର:ଅ ଓ ହଜରତ ଖାଲିଦ୍ ର:ଅ ମଧ୍ୟ ସିରିୟାକୁ ବିଜୟ କରିନେଇଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅ ସେହି ଦୁହିଁଙ୍କୁ ମଧ୍ୟ ଜାବିୟାରେ ପହଂଚିବାପାଇଁ ଆଦେଶ ପ୍ରେରଣ କରିଥିଲେ । ଅର୍ଥାତ ହଜରତ ଅବୁ ଉବୈଦାଃ ର:ଅ ଓ ହଜରତ ଖାଲିଦ୍ ର:ଅଙ୍କୁ ଏହି ଆଦେଶ ଦେଇଥିଲେ ଯେ ତୁମେ ଯେହେତୁ ସିରିୟା ବିଜୟ କରିସାରିଲଣି ବର୍ତମାନ ତୁମେ ଜାବିୟାରେ ଦୁହେଁ ପହଂଚ ଯଦ୍ୱାରା ବୈତୁଲ୍ ମୁକଦ୍ଦସ୍‌ର ଜୟ କରିବାର ସରଳତମ ମାର୍ଗର ସନ୍ଧାନ ମିଳିପାରିବ । ଅତରବୁନ୍ ଓ ସଫର ନିୟୁସ୍‌ଙ୍କୁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଆଗମନର ସୁଚନା ମିଳିଲା ଏଠାରେ ମଧ୍ୟ ନାମରେ ପାର୍ଥକ୍ୟ ରହିଛି ଆରବୀ ପୁସ୍ତକରେ ଅର୍‌ତବୁନ୍ ଲେଖା ଅଛି କିନ୍ତୁ ହୈକଲ୍‌ଙ୍କର କହିବା ଅନୁଯାୟୀ ତାହା ଠିକ୍ ନୁହେଁ ତାଙ୍କ ଅନୁସନ୍ଧାନ ମୁତାବକ ଅତର୍‌ବୁନ୍ ସଠିକ୍ ନାମ ଅଟେ ଯେବେ କି ଆରବୀ ଭାଷାରେ ଅର୍‌ତବୁନ୍ ଲେଖା ରହିଛି । ପୁନଶ୍ଚ ସଫରୁନେଓ୍ୱସ୍ ଆରବୀ ପୁସ୍ତକରେ ସଫ୍‌ରୁ ୟୁନୁସ୍ ଲେଖା ରହିଛି ଏପରି ଏହି ନାମରେ ମତପାର୍ଥକ୍ୟ ରହିଛି ବା ପୃଥକ ପୃଥକ ଭାବରେ ନାମରେ ଭିନ୍ନତା ପରିଲକ୍ଷିତ ହେଉଛି ।

ସେ ଯାହା ହେଉ ସେ ଉଲ୍ଲେଖ କରିଛନ୍ତି ଯେ ହଜରତ ଉମର୍ ର:ଅଙ୍କ ରାସ୍ତା ଖୋଜିବା ପାଇଁ କଣ ରଣନୀତି ଆପଣାଇବା ପାଇଁ ସେମାନଙ୍କୁ ଏକାଠି କରିଥିଲେ । ହଜରତ ଅବୁ ଉବୈଦାଃ ର:ଅ ଓ ହଜରତ ଖାଲିଦ୍ ର:ଅ ସିରିୟାରେ ଯେଉଁ ପରିସ୍ଥିତିର ସମ୍ମୁଖିନ ହୋଇଥିଲେ ଏହାର ସୂଚନା ମିଳିବାରୁ ସେମାନେ ବୁଝିଗଲେ । ଏହି ପରିପ୍ରେକ୍ଷୀରେ ଲେଖା ରହିଛି ଯେ ଶତ୍ରୁ ପକ୍ଷର ସର୍ଦ୍ଦାରମାନଙ୍କୁ ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅ ଓ ଖାଲିଦ୍ ର:ଅଙ୍କ ଜାବିୟା ପହଂଚିବାର ଖବର ମିଳିଲା ସେତେବେଳେ ସେମାନେ ବୁଝିଗଲେ ଯେ ବୈତୁଲ୍ ମୁକଦ୍ଦସ୍ ଆଉ ଆମ ହସ୍ତରେ ଅଧିକ ସମୟ ରହିପାରିବନାହିଁ ଅର୍ଥାତ ଆମ ହାତରୁ ଖସିଯିବା ମୁହାଣରେ ପହଂଚିଗଲାଣି । ଅତଏବ ଶତ୍ରୁପକ୍ଷର ଜଣେ ସର୍ଦ୍ଦାର ଅତ୍‌ରାବୁନ୍ କିଛି ସୈନିକଙ୍କୁ ସାଥିରେ ନେଇ ମିଶର ପଳାୟନ କଲା ଏବଂ ବୁଢ଼ା ପାଦ୍ରୀ ମୁକ୍ତି ପାଇବାର ସନ୍ତୁଷ୍ଟି ପ୍ରାପ୍ତ କରି ମୁସଲମାନମାନଙ୍କ ସହିତ ସନ୍ଧି କରିବା ପାଇଁ ବାର୍ତାଳାପ ଆରମ୍ଭ କରିଦେଲେ । ଏବଂ ସନ୍ଧି କରିବାପାଇଁ ହଜ୍‌ରତ୍ ଉମର୍ ର:ଅଙ୍କ ଜାବିୟା ଆଗମନର କଥା ଜାଣି ସେ ଏ ସର୍ତ ରଖିଲା ଯେ ମୁସଲମାନମାନଙ୍କ ସର୍ଦ୍ଦାର ସ୍ୱୟମ ଆସନ୍ତୁ ଯାହାଙ୍କ ସହିତ ସନ୍ଧି ସ୍ଥାପନ କରାଯିବ । ଜାବିୟା ଓ ବୈତୁଲ୍ ମୁକଦ୍ଦସ୍ ମଧ୍ୟରେ ଏତେ ଦୁରତା ନଥିଲା ଯେ ସଫର୍ ୟୁନୁସ୍‌ର ନିବେଦନରେ ଆଳ ଦେଖାଇ ଟଳା ଯାଇପାରିଥାନ୍ତା । ତେଣୁ ଏଥିସକାଶେ ଏହାକୁ ଆମେ ସଠିକ୍ ମଣୁଛୁ ଯେ ସିରିୟା ଓ ଫିଲିସ୍ତିନ୍ ଉପରେ ଆକ୍ରମଣ କରିବା ପ୍ରସଙ୍ଗରେ ଇତିହାସରେ ଦରଜ ଘଟଣାମାନ ପରିସ୍ଥିତି ଓ ସମୟ ଅନୁକୂଳ ଅଟେ" । ***(ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୫୮,୩୬୮.... କୁତୁବ୍ ଖାନା ଲାହୋର୍) (ତାରିଖୁଲ୍ ଖୋଲଫାଆ......ପୃ-୨୭୯)***

ସେ ଯାହା ହେଉ ଉକ୍ତ ପତ୍ର ମିଳିବା ପରେ ହଜ୍‌ରତ୍ ଉମର୍ ର:ଅ ସାହାବାଙ୍କ ସହିତ କି ପରାମର୍ଶ କରିଥିଲେ ସେଥି ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅ ସମସ୍ତ ସମ୍ମାନନୀୟ ସାହାବାଙ୍କୁ ଏକତ୍ରିତ କରି ଆଲୋଚନା କଲେ । ସେତେବେଳେ ହଜରତ ଉସମାନ୍ ର:ଅ ରାଏ ପ୍ରକାଶ କରିଥିଲେ ଯେ, ବର୍ତମାନ ଖ୍ରୀଷ୍ଟଧର୍ମୀ ଭୟଭୀତ ଓ ହତୋତ୍ସାହିତ ଅବସ୍ଥାରେ ଅଛନ୍ତି ତେଣୁ ଆପଣ ତାଙ୍କର ଏହି ସର୍ତକୁ ତଥା ଦରଖାସ୍ତକୁ ରଦ୍ଦ କରିଦିଅନ୍ତୁ ଫଳତଃ ସେମାନଙ୍କୁ ଆହୁରି ଅପମାନ ଲାଗିବ । ଓ ସେମାନେ ଅସ୍ତ୍ର ପରିତ୍ୟାଗ କରିନେବେ । ସେଥିଅନ୍ତେ ହଜରତ ଅଲୀ ର:ଅ ହଜରତ ଉସ୍‌ମାନ୍ ର:ଅଙ୍କ ପରାମର୍ଶ ବୀପରୀତ ନିଜର ମତ ପ୍ରକାଶ କଲେ ଯେ, ଆପଣ ର:ଅଙ୍କୁ ଏଲିୟା ଅଭିମୁଖେ ପ୍ରସ୍ଥାନ କରିବା ଉଚିତ ଏବଂ ଆପଣ ଆହୁରି ଅଧିକ କହିଲେ ଯେ, ମୁସଲମାନମାନେ ଶୀତଋତୁକୁ ବରଦାସ୍ତ କଲେ ଏବଂ ଦୀର୍ଘ ସମୟ ଅବସ୍ଥାନ କରି ବହୁତ କଷ୍ଟ ସହ୍ୟ କଲେ ତେଣୁ ଯଦି ସେଠାକୁ ଆପଣ ଚାଲି ଯାଆନ୍ତି ତାହେଲେ ଆପଣ ର:ଅଙ୍କର ଏବଂ ମୁସଲମାନମାନଙ୍କ ଶାନ୍ତି, ସମୃଦ୍ଧି ଓ ମଙ୍ଗଳ ହିଁ ସାଧିତ ହେବ କିନ୍ତୁ ଯଦି ଆପଣ ସେମାନଙ୍କୁ ସନ୍ଧି କରିବା ନିବୃତ ରଖିବେ ତେବେ ତାହା ଆପଣଙ୍କ ସପକ୍ଷରେ ଫଳପ୍ରଦ ସାବ୍ୟସ୍ତ ହେବନାହିଁ । ଶତ୍ରୁ ତ ଦୁର୍ଗରେ ନିଜକୁ ସୁରକ୍ଷିତ କରିନେବ ଓ ସେମାନଙ୍କୁ ନିଜ ବୈତୁଲ୍ ମୁକଦ୍ଦସ୍ ସେମାନଙ୍କ ପାଇଁ ଏକ ପବିତ୍ର ପୀଠସ୍ଥଳୀ ଓ ସେମାନଙ୍କର ଉପାସନା ପୀଠ । ଅତଏବ ହଜ୍‌ରତ୍ ଉମର୍ ର:ଅ ହଜରତ ଅଲୀ ର:ଅଙ୍କର ଏହି ରାୟକୁ ପସନ୍ଦ କଲେ । ***(ଅଲ୍‌ଫାରୁକ୍ ଅଜ୍ ଶିବ୍‌ଲି ନୁମାନି, ପୃ-୧୨୪..... ଇଦାରା ଇସ୍‌ଲାମିୟାତ୍ ୨୦୦୪) (ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୬୯.... କୁତୁବ୍ ଖାନା ଲାହୋର୍)***

ଏହି ଯାତ୍ରାରେ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ ହିଜ୍‌ରତ୍‌କାରୀ ଓ ଅନ୍‌ସାରଙ୍କ ବ୍ୟତିତ ହଜରତ ଅବ୍‌ବାସ ବିନ୍ ଅବଦୁଲ୍ ମୁତଲିବ୍ ମଧ୍ୟ ସାମିଲ ଥିଲେ । ଯାତ୍ରା କରିବା ପ୍ରର୍ଯ୍ୟାୟରେ ପ୍ରତିଦିନ ପ୍ରାତଃ ନମାଜ ପାଠ କରିବା ପରେ ହଜ୍‌ରତ୍ ଉମର୍ ର:ଅ ନିଜ ସାଥିମାନଙ୍କୁ ପ୍ରଭୁଙ୍କ ନିକଟରୁ ପୁରସ୍କାର ଲଭିବା ପାଇଁ ଦୁଆ କରିବାପାଇଁ ଉପଦେଶ ଦେଉଥିଲେ । ***(ଅଲ୍‌ଇକ୍‌ତଫା....... ଖଣ୍ଡ-୨, ଭାଗ-୧, ପୃ-୨୯୨-୨୯୩........ ବେରୁତ ୧୯୯୭)***

ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ଓ

ୟଜିଦ୍ ବିନ୍ ମାଓ୍ୱିୟା ଜାବିୟାରେ ହଜରତ୍ ଉମର୍ ର:ଅଙ୍କର ସ୍ୱାଗତ କରିଥିଲେ । ସେଠାରେ ଆପଣ ସେମାନଙ୍କ ଅବସ୍ଥାରେ ଅର୍ଥାତ ଆରବର ସରଳ ଓ ବିନମ୍ର ଗୁଣ ସେମାନଙ୍କଠାରେ ଆଉ ବାକି ରହିନଥିବା ଦେଖିବାକୁ ପାଇଲେ । କାରଣ ତାଙ୍କ ଶରୀରରେ ହରିର୍ ଏବଂ ଦିବାଜ୍ର ଚିକ୍କଣ ବସ୍ତ୍ର ଥିଲା । ତେଣୁ ହଜରତ ଉମର୍ ର:ଅ ଏହା ଦେଖି ନିଜ ଅଶ୍ୱ ଉପରୁ ଓହ୍ଲାଇ ପଡ଼ିଲେ ଏବଂ ସେମାନଙ୍କ ଉପରକୁ ଟେକା ଫିଙ୍ଗିଥିଲେ କିନ୍ତୁ ସେମାନେ କାରଣ ଦର୍ଶାଇ କହିଲେ, ଏହି ମୂଲ୍ୟବାନ ବସ୍ତ୍ର ମଧ୍ୟରେ ଆମର ଗୁପ୍ତ ଅସ୍ତ୍ରଶସ୍ତ୍ରମାନ ଲୁଚି ରହିଛି ଆମେ ଅସ୍ତ୍ର ଚାଳନାର ନିପୁଣତା ପାଶୋରି ଯାଇନାହୁଁ । ହଜ୍‌ରତ୍ ଉମର୍ ର:ଅ କହିଲେ, ଯଦି ଏପରି କଥା ତା'ହେଲେ ଠିକ୍ ଅର୍ଥାତ ଯଦି ତୁମେମାନେ ଶତ୍ରୁକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରକାଶ୍ୟ ଆଡ଼ମ୍ବର ଆପଣାଇଛ ତେବେ କିଛି କଥା ନାହିଁ । ***(ଅଲଫାରୁକ୍ ଅଜ୍ ଶିବ୍‌ଲି ନୁମାନି, ପୃ-୧୨୪..... ଇଦାରା ଇସ୍‌ଲାମିୟାତ୍ ୨୦୦୪)***

ୟଜିଦ୍ ବିନ୍ ଅବୁ ସୁଫିୟାନ୍ ହଜ୍‌ରତ୍ ଉମର୍ ର:ଅଙ୍କୁ ଦାମି ପୋଷାକ ଓ ଉତମ ବାହନ ବ୍ୟବହାର କରିବାପାଇଁ ନିବେଦନ କରିଥିଲେ ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ହେ ୟଜିଦ୍ ଏପରି ହୋଇପାରିବନାହିଁ ଅଲ୍ଲାଃଙ୍କ ରାଣ ! ମୁଁ ନିଜର ଏହି ପରିଧାନ ଓ ଅବସ୍ଥାକୁ ପରିହାର କରିବି ନାହିଁ ଯେଉଁ ଅବସ୍ଥାରେ ମୁଁ ନିଜ ଦୁଇ ସାଥିଙ୍କୁ ଛାଡ଼ିଥିଲି ଅର୍ଥାତ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ହଜରତ ଅବୁବକର ର:ଅଙ୍କୁ ବିଦାୟ ଦେଇଛି । ମୁଁ ଲୋକମାନଙ୍କ ସକାଶେ ଏହି ନିଜର ବେଶଭୂଷାକୁ ଆପଣାଇବି ନାହିଁ କାରଣ ମୁଁ ଭୟ କରୁଛି ଯେ, ଏପରି କରିବା ଦ୍ୱାରା ମୁଁ ନିଜ ପାଳନକର୍ତାଙ୍କ ନିକଟରେ କଳୁଷିତ ହୋଇନଯାଏ ଏବଂ ମୁଁ ଚାହୁଁନାହିଁ ଯେ ଲୋକମାନଙ୍କ ଗହଣରେ ତ ମୁଁ ଉଚ୍ଚ ଆସନରେ ବିରାଜମାନ ହୋଇଯିବି । କିନ୍ତୁ ପ୍ରଭୁଙ୍କ ଦୃଷ୍ଟିରେ ଏହା ନଗଣ୍ୟ ହୋଇଯାଏ ସୁତରାଂ ହଜ୍‌ରତ୍ ଉମର୍ ର:ଅ ନିଜର ବେଶଭୁଷାକୁ ପରିବର୍ତନ କଲେନାହିଁ ଯେଉଁ ଅବସ୍ଥାରେ ହଜରତ ମୁହମ୍ମଦ ମୁସ୍ତଫା ଓ ହଜରତ ଅବୁବକର ର:ଅଙ୍କ ସମୟରେ ଆପଣ ଜୀବନ ଅତିବାହିତ କରିଥିଲେ ସେହିଥିରେ ହିଁ ପ୍ରତିଷ୍ଠିତ ରହିଲେ । ଏପରି କି ଏହିପରି ଅବସ୍ଥାରେ ଆପଣ ଏହି ଭବସଂସାରରୁ ଆରପାରିକୁ ଚାଲିଗଲେ । ***(ଅଲଇକ୍‌ତିଫା...... ଖଣ୍ଡ-୨, ଭାଗ-୧, ପୃ-୨୯୫......ବେରୁତ ୧୯୯୭)***

ହଜ୍‌ରତ୍ ଉମର୍ ର:ଅ ଯାତ୍ରା ସମୟରେ ନିଜ ସାହାବାମାନଙ୍କୁ ଅନୁପ୍ରାଣିତ କରି ଏହା ମଧ୍ୟ କହୁଥିଲେ ଯେ, ପ୍ରଭୁ ଯାହା ତୁମ ପାଇଁ ନିୟତ କରି ରଖିଛନ୍ତି ତାହା ତୁମକୁ ଶୀଘ୍ର ଅତି ଶିଘ୍ର ପ୍ରାପ୍ତ ହୋଇଯିବ ସେ ଏହା ଲକ୍ଷ୍ୟ କରିଥାନ୍ତି ଯେ କେଉଁ ଭକ୍ତ ତାଙ୍କ ଆଡ଼କୁ ଆନତ ହେଉଛି । ହଜ୍‌ରତ୍ ଉମର୍ ର:ଅ ନିଜ ଯାତ୍ରାର ଆରମ୍ଭ ଦିନଠାରୁ ପ୍ରତ୍ୟାବର୍ତନ କରିବା ପର୍ଯ୍ୟନ୍ତ ଏହି ଉପଦେଶ ପ୍ରତିଦିନ ନିଜ ସାହାବାଙ୍କୁ ଯିଏ ଆପଣଙ୍କ ସାଥିରେ ରହିଥିଲେ ମନେ ପକାଇ ଦେଉଥିଲେ ଅର୍ଥାତ ପ୍ରତିଦିନ ଏହି ଗୋଟିଏ ଉପଦେଶ ପୁନରାବୃତି କରୁଥିଲେ ।

କେତେକ ଇତିହାସବିତ୍‌ଙ୍କ ମତରେ ମୁସଲମାନ ଓ ଖ୍ରୀଷ୍ଟଧର୍ମୀଙ୍କ ମଧ୍ୟରେ ଜାବିୟା ଚୁକ୍ତିର ସ୍ୱାକ୍ଷର ଏଲିୟାଠାରେ ହୋଇଥିଲା ଏହି ସନ୍ଧି ପତ୍ରରେ ହଜରତ ଖାଲିଦ୍ ବିନ୍ ୱଲିଦ୍, ହଜରତ ଉମର୍ ବିନ ଆସ, ହଜରତ ଅବଦୁର ରହେମାନ୍ ବିନ୍ ଔଫ୍, ହଜରତ ମାଓ୍ୱିୟା ବିନ୍ ଅବୁ ସୁଫିୟାନ୍ ଆଦିଙ୍କର ସ୍ୱାକ୍ଷର ରହିଛି ବା ସେମାନେ ସ୍ୱାକ୍ଷର କରିଥିଲେ ।

ତିବ୍‌ରୀରେ ଦରଜ ସନ୍ଧି ନାମରେ ମଧ୍ୟ ଆଲେଖ୍ୟ ଉପସ୍ଥାପନ କରାଯାଉଛି ଯେ, ଜାବିୟାରେ ଅବସ୍ଥାନ ସମୟରେ ହଜ୍‌ରତ୍ ଉମର୍ ର:ଅ ଏକଦା ସୈନ୍ୟମାନଙ୍କ ଗହଣରେ ବସିଥିଲେ ଯେ, ହଠାତ୍ କିଛି ଆରୋହୀ ଦୃଶ୍ୟମାନ ହେଲେ ଯିଏ ଘୋଡ଼ାରେ ବସି ଖୁବ୍ ତିବ୍ର ବେଗରେ ମାଡ଼ି ଆସୁଥିଲେ ସେମାନଙ୍କ ଖଣ୍ଡା ଝଟକି ଉଠୁଥିଲା । ମୁସଲମାନ ସେନା ସଙ୍ଗେ ସଙ୍ଗେ ନିଜ ଅସ୍ତ୍ରଶସ୍ତ୍ର ସଜାଡ଼ି ନେଲେ । ହଜ୍‌ରତ୍ ଉମର୍ ର:ଅ ଏଥିରେ ପଚାରିଲେ କଥା କ'ଣ ତୁମେ ଚିନ୍ତା କରନାହିଁ ଏମାନେ ସୁରକ୍ଷା ମାଗିବା ପାଇଁ ଆସୁଛନ୍ତି, ଏମାନେ ଏଲିୟା ନିବାସୀ ଅଟନ୍ତି । ଫଳତଃ ଆପଣ ସେମାନଙ୍କ ପାଇଁ ସନ୍ଧି ପତ୍ର ଲେଖି ଦେଇଥିଲେ ଅର୍ଥାତ ସେମାନଙ୍କ ପାଇଁ ହଜ୍‌ରତ୍ ଉମର୍ ର:ଅ ସନ୍ଧି ପତ୍ର ଉଲ୍ଲେଖି କରିଦେଇଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଅଲାମା ବଲାଦ୍‌ରୀ ଓ ମୁହମ୍ମଦ ହୁସୈନ୍ ହୈକଲ୍ ଲେଖିଛନ୍ତି ଯେ, ସନ୍ଧିର ସର୍ତ ସ୍ୱାକ୍ଷର ଜାବିୟା ପରିବର୍ତେ ଏଲିୟା ଠାରେ ହୋଇଥିଲା । ମୁହମ୍ମଦ ହୁସୈନ୍ ହୈକଲ୍ ନିଜ ପୁସ୍ତକରେ ଅନ୍ୟ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ ସନ୍ଧି ଜାବିୟାରେ ହିଁ ହୋଇଥିଲା । ***(ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୬୮,୩୭୧....ଲାହୋର୍)***

ମୁସଲମାନ ଓ ଏଲିୟାବାସୀଙ୍କ ମଧ୍ୟରେ ଯେଉଁ ସନ୍ଧି ହୋଇଥିଲା ସେଥିସଂକ୍ରାନ୍ତରେ ତବ୍‌ରୀରେ ଏପରି ବର୍ଣ୍ଣନା ରହିଛି **ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍ ରହିମ୍** ଏହା ହେଉଛି ସେହି ଶାନ୍ତି ଓ ସୁରକ୍ଷାର ଯାହାକି ଚୁକ୍ତିନାମା ଅଲ୍ଲାଃଙ୍କ ଭକ୍ତ ଅମିରୁଲ୍ ମୁମିନିନ୍ ଏଲିୟାବାସୀଙ୍କୁ ପ୍ରଦାନ କରୁଛନ୍ତି । ସେମାନଙ୍କ ଧନ ଜୀବନ, ଗିର୍ଜା ରୋଗୀ, ସୁସ୍ଥବାନ ତଥା ସମସ୍ତ ଅଂଚଳବାସୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି । କୌଣସି ଲୋକ ସେମାନଙ୍କ ଗିର୍ଜାରେ ଅବସ୍ଥାନ କରିବେନାହିଁ ନା ତାହା ଭଙ୍ଗାରୁଜା କରିବେ ନା ସେଥିରେ କିଛି କମ୍ କରାଯିବ ନା ସଲିବ୍‌କୁ ନଷ୍ଟ କରାଯିବ । ଧର୍ମ ପ୍ରସଙ୍ଗରେ ସେମାନଙ୍କ ସହିତ କୌଣସି ପ୍ରକାର ବାଧବାଧକତା ପ୍ରଦର୍ଶନ କରାଯିବ ନାହିଁ । କାହାରିକୁ କଷ୍ଟ ପହଂଚିବ ନାହିଁ । ଏଲିୟାରେ ସେମାନଙ୍କ ସହିତ କୌଣସି ୟହୁଦୀ ରହିବେ ନାହିଁ । ଏଲିୟାବାସୀଙ୍କର ଏହି କର୍ତବ୍ୟ ହେବ ଯେ, ସେମାନେ ଅନ୍ୟମାନଙ୍କ ପରି କର ପଇଠ କରିବେ ମୁସଲମାନମାନଙ୍କ ନିକଟରେ ଏବଂ ସେମାନଙ୍କୁ ଆବଶ୍ୟକ ଯେ, ରୋମୀ ଓ ବିଦ୍ରୋହୀମାନଙ୍କୁ ଏଲିୟାରୁ ବହିଷ୍କାର କରିଦେବେ । ସୁତରାଂ ଯିଏ ସେମାନଙ୍କ ମଧ୍ୟରୁ ନିରପତାର ସହିତ ପ୍ରବାସ କରିଯିବ ତାହାର ଧନଜୀବନର ସୁରକ୍ଷା କରାଯିବ । ଏପରି କି ସେ ସୁରକ୍ଷିତ ଅଂଚଳକୁ ସ୍ଥାନାନ୍ତରିତ ହୋଇଯିବ ଏବଂ ଯେ କେହି ଏଲିୟାରେ ନିବାସ କରିବ ତାହାକୁ କର ଦେବା ଅନିବାର୍ଯ୍ୟ ହେବ । ଯିଏ ନିଜର ଜୀବନ ଓ ଧନକୁ ନେଇ ରୋମିମାନଙ୍କ ନିକଟକୁ ଯିବାକୁ ଚାହିଁବ ଓ ନିଜ ଉପାସନା ଗୃହ ଓ ଗୀର୍ଜାକୁ ଛାଡ଼ି ଚାଲିଯିବାକୁ ଚାହିଁବେ ତେବେ ତାହାର ଏହି ସମ୍ପତିକୁ ମଧ୍ୟ କ୍ଷତି ଗ୍ରସ୍ତ କରାଯିବ ନାହିଁ ବରଂ ତାହାକୁ ସୁରକ୍ଷିତ ରଖାଯିବ । ଏଲିୟାରେ ଯେଉଁ କୃଷକ ବର୍ଗ ରହିଛନ୍ତି ଯଦି ସେମାନେ ନିଜ ଜମିଜମା ଛାଡ଼ି ନ ଯାଆନ୍ତି ତେବେ ତାଙ୍କୁ ଏଥିସକାଶେ କର ଦେବାକୁ ହେବ ଏବଂ ଯିଏ ରୋମୀମାନଙ୍କ ସାଥିରେ ଯିବାକୁ ଚାହୁଁଛନ୍ତି ସେମାନେ ନିର୍ଦ୍ୱନ୍ଦରେ ଚାଲିଯାଆନ୍ତୁ । ଯିଏ ସେମାନଙ୍କ ସାଥିରେ ନ ଯିବାକୁ ଚାହୁଁଛନ୍ତି ସେମାନେ ସେଯେପର୍ଯ୍ୟନ୍ତ କର ନ ଦିଅନ୍ତୁ ଯେପର୍ଯ୍ୟନ୍ତ ସେମାନଙ୍କ ଫସଲ ଅମଳ ହୋଇନାହିଁ ଅର୍ଥାତ ଫସଲ ଅମଳ ହେବା କ୍ଷଣି କର ଦେଇପାରିବେ । ଏହି ଚୁକ୍ତିରେ ଯେଉଁ ସର୍ତ ରହିଛି ତାହା ପରମେଶ୍ୱରଙ୍କର ପ୍ରତିଶୃତି ଓ ତାଙ୍କ ରସୁଲ୍ ତଥା ଖଲିଫାଙ୍କ ତଥା ମୋମିନ୍‌ମାନଙ୍କ ଦାୟିତ୍ୱ ହେବ ଯେ, ସେମାନେ ତାଙ୍କର ଧନ ଜୀବନର ସୁରକ୍ଷା ପ୍ରଦାନ କରିବେ ।

ଏହି ସନ୍ଧି ଓ ଚୁକ୍ତିନାମାରେ ହଜରତ ଖାଲିଦ୍ ବିନ୍ ୱଲିଦ୍, ହଜରତ ଅମ୍‌ରୋ ବିନ୍ ଆସ, ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ଏବଂ ହଜରତ ମାଓ୍ୱିୟା ବିନ୍ ଅବୁ ସୁଫିୟାନ୍ ର:ଅଙ୍କ ସାକ୍ଷ୍ୟ ରହିଥିଲା । ***(ତାରିଖେ ତିବ୍‌ରୀ ଖଣ୍ଡ-୨, ପୃ-୪୪୯.....ବେରୁତ ୨୦୧୨)***

ଇବ୍‌ନେ ଖୁଲ୍‌ଦୁମ୍‌ର ଇତିହାସ ପୁସ୍ତକରେ ବର୍ଣ୍ଣନା ରହିଛି ଏହି ସନ୍ଧିରୁ କିଛି କଥା ପ୍ରମାଣିତ ହୋଇଥାଏ ଉଦାହରଣ ସ୍ୱରୂପ ଇସଲାମ ଖଣ୍ଡା ଓ ହତିଆର ମାଧମରେ ପ୍ରସାର ଲାଭ କରିନାହିଁ । ମୁସଲମାନମାନଙ୍କ ଶାସନ କାଳରେ ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କୁ ସେମାନଙ୍କ ଧାର୍ମିକ ସ୍ୱାଧିନତା ହାସଲ ଥିଲା । ଅଣମୁସଲମାନମାନଙ୍କଠାରୁ ଜୋର ଜବରଦସ୍ତି କର ଆଦାୟ କରାଯାଇନଥିଲା । ***(ତାରିଖେ ଇବ୍‌ନେ ଖୁଲ୍‌ଦୁନ୍ ଖଣ୍ଡ-୩, ଭାଗ-୧, ପୃ-୨୦୮.....କରାଚି ୨୦୦୯)***

ଏହି ସନ୍ଧିର ଖବର ଯେତେବେଳେ ସର୍ବତ୍ର ପ୍ରସାରିତ ହେଲା ସେତେବେଳେ ରମ୍‌ଲା, ଫିଲିସ୍ତିନ୍ ଓ ଲୁଦ୍'ର ଅଧିବାସୀ ଏପରି ସନ୍ଧି କରିବାକୁ ବ୍ୟଗ୍ର ହୋଇ ଉଠି ଚାଲି ଆସିଥିଲେ ଏବଂ ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ କରିଥିଲେ । ଏହି ଅବସ୍ଥା ଫିଲିସ୍ତିନ୍'ର ଲୋକମାନଙ୍କର ଅବସ୍ଥା ଥିଲା । ଲଦ୍ ବାସୀଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରୁ ଏକ ପତ୍ର ଲେଖି ଦିଆଯାଇଥିଲା ଯାହାଙ୍କ ପରିସର ମଧ୍ୟରେ ସେହି ସମସ୍ତ ସହରଗୁଡ଼ିକୁ ସାମିଲ କରାଯାଇଥିଲା ଯେଉଁମାନେ, ମୁସଲମାନମାନଙ୍କ ଆଜ୍ଞାବହତା ସ୍ୱୀକାର କରିନେଲେ । ଉକ୍ତ ପତ୍ରରେ ହଜୁର ସେମାନଙ୍କ ଧନଜୀବନର ସୁରକ୍ଷା ପ୍ରଦାନ କରିବାର ପ୍ରତିଶୃତି ଦେଇଥିଲେ ଯଦି ସେମାନେ ସିରିୟାର ଅନ୍ୟ ସହର ଗୁଡ଼ିକ ପରି କର ଅବା ଖଜଣା ପଇଠ କରିବେ ସେମାନଙ୍କ ଧର୍ମ ପ୍ରସଙ୍ଗରେ ମଧ୍ୟ କୌଣସି ହସ୍ତକ୍ଷେପ କରାଯିବନାହିଁ । ଏ ସବୁ କିଛି ର ମୁସଲମାନମାନେ ସେମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ ଯେ ସେମାନଙ୍କୁ କୌଣସି ପ୍ରକାର କ୍ଷତି ପହଂଚିବନାହିଁ । ହଜ୍‌ରତ୍ ଉମର୍ ର:ଅ ଫିଲିସ୍ତିନ୍'କୁ ସମାନ ଦୁଇ ଭାଗ କରି ଦୁଇଜଣ ହାକିମ ନିଯୁକ୍ତ କରିଥିଲେ ଏବଂ ଦେଶକୁ ଦୁଇ ଭାଗରେ ବିଭକ୍ତ କରି ଦେଲେ । ଅତଏବ ଅଲ୍‌କମା ବିନ୍ ହକିମ୍ ର ମର୍କଜ ଭାବରେ ରମ୍‌ଲାକୁ ଅଭିହିତ କରାଗଲା ଓ ଅଲ୍‌କମା ବିନ୍ ମୁଜଜିଜ୍ ରମନ୍ଦଜ ଇଲିଆ ହେଲା । ଉଭୟଙ୍କୁ ସେହି ଅଂଚଳର ହାକିମ୍ ମୁତୟନ କରିଥିଲେ । ***(ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୭୩....ଲାହୋର୍)***

ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ଏଲିୟାରେ ମୁସଲମାନ ସେନାଙ୍କୁ ମୁତୟନ କରିଥିଲେ ସେଥିଅନ୍ତେ ଆପଣ ଜାବିୟାରୁ ବୈତୁଲ୍ ମୁକଦସ୍ ବାହାରିଗଲେ ।

ଲେଖା ରହିଛି ଯେ ଯେତେବେଳେ ହଜରତ ଉମର ର:ଅ ନିଜ ଅଶ୍ୱ ଉପରେ ଆରୋହଣ କଲେ ସେତେବେଳେ ଆପଣ ଅନୁଭବ କଲେ ଯେ, ଆପଣଙ୍କ ଘୋଡ଼ାଟି ଗୋଡ଼ରେ ଯନ୍ତ୍ରଣା ଅନୁଭବ କରୁଛି ଯାହା ଫଳରେ ସେ ଠିକ୍ ଭାବରେ ଚାଲିପାରୁନାହିଁ । ହଜ୍‌ରତ୍ ଉମର୍ ର:ଅଙ୍କ ପାଇଁ ଗୋଟିଏ ତୁର୍କୀ ପ୍ରଜାତିର ଘୋଡ଼ା ଆଣି ଦିଆଯାଇଥିଲା ଆପଣ ତାହା ଉପରେ ଆରୋହଣ କରିବା ମାତ୍ରେ ସେ ଅଡ଼ି ବସିଲା ସୁତରାଂ ଆପଣ ଓହ୍ଲାଇ ଗଲେ କିଛି ଦିନ ପରେ ହଜୁର ନିଜ ଘୋଡ଼ା ବରାଦ କରିଥିଲେ ଯେ ଯନ୍ତ୍ରଣା ଯୋଗୁଁ ଚାଲି ପାରୁନଥିଲା ତାହାର ଉପଚାର ହେଉଥିଲା । ତାହା ଉପରେ ଆରୋହଣ କରି ଆପଣ ବୈତୁଲ୍ ମୁକଦ୍‌ଦସ୍ ଅଭିମୁଖେ ବାହାରି ଯାଇଥିଲେ । ***(ତାରିଖେ ତିବ୍‌ରୀ....... ଖଣ୍ଡ-୨, ଭାଗ-୨, ପୃ-୮୦୯....୨୦୦୩)***

ହଜ୍‌ରତ୍ ଉମର୍ ର:ଅ ଅତି ସାଧା ପୋଷାକ ପରିଧାନ କରି ବୈତୁଲ୍ ମୁକଦ୍‌ଦସ୍ ଅଭିମୁଖେ ପ୍ରସ୍ଥାନ କରିଥିଲେ । ଯେଉଁ ସ୍ଥଳେ ହଜରତ ଅବୁ ଉବୈଦାଃ ର:ଅ ଓ ଇସ୍‌ଲାମୀୟ ସେନାର ସରଦାରମାନେ ଆପଣ ର:ଅଙ୍କର ଭବ୍ୟ ସ୍ୱାଗତ କଲେ । ଖ୍ରୀଷ୍ଟଧର୍ମୀ ପାଦ୍ରୀ ସ୍ୱହସ୍ତରେ ସହରର ଚାବି ହଜ୍‌ରତ୍ ଉମର୍ ର:ଅ ଙ୍କୁ ପ୍ରଦାନ କରିଥିଲେ । ଏଲିୟାରେ ଅବସ୍ଥାନ ସମୟରେ ହଜରତ ଅବୁ ଉବୈଦାଃ ର:ଅଙ୍କ ବ୍ୟତିତ ସଭିଏଁ ଅର୍ଥାତ ସମସ୍ତ ମୁସଲମାନ ସରଦାରମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ନିମନ୍ତ୍ରିତ କରିଥିଲେ । ତେଣୁ ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁ ଉବୈଦାଃ ର:ଅଙ୍କୁ ଏହାର କାରଣ ପଚାରିବାରୁ ଅର୍ଥାତ ତୁମେ କାହିଁକି ଅନ୍ୟମାନଙ୍କ ପରି ମତେ ନିମନ୍ତ୍ରିତ କଲେ ନାହିଁ ? ସେଥିରେ ସେ ଉତର ଦେଲେ ହେ ଅମୀରୁଲ୍ ମୁମିନିନ୍ ! ମୁଁ ଭୟ କରୁଛି ଯେ ଯଦି ମୁଁ ଆପଣଙ୍କୁ ନିମନ୍ତ୍ରିତ କରେ ତେବେ ଆପଣଙ୍କ ଚକ୍ଷୁ ଉପରେ ଆପଣ କାବୁ ରଖିପାରିବେ ନାହିଁ ଅର୍ଥାତ ଆପଣ ଭାବପ୍ରବଣ ହୋଇଯିବେ । ତଥାପି ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁ ଉବୈଦାଃ ର:ଅଙ୍କ ଶିବିର ମଧ୍ୟକୁ ଚାଲି ଯାଇଥିଲେ ହଜରତ ଉମର୍ ର:ଅ ସେଠାରେ ଯାଇ ଦେଖିଲେ ଯେ ଗୋଟିଏ ଘୋଡ଼ା ଉପରେ ବସିବାର ଆସନ ଓ କପଡ଼ା ଖଣ୍ଡିଏ ବ୍ୟତିତ ଶିବିରରେ ଆଉ କିଛି ନାହିଁ । ହଜରତ ଅବୁ ଉବୈଦାଃ ର:ଅ ସେହି ଦୁଇଟି ଜିନିଷକୁ ନିଜର ସେଜ ରୂପେ ବ୍ୟବହାର କରୁଥିଲେ ଅର୍ଥାତ ଘୋଡ଼ାର ଆସନକୁ ତକିଆ ଭାବରେ

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ:-୦୯୮୨୭୨୭୫୯୨, ୦୯୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ଚ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 28 Oct 2021 Issue No. 43**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଓ କପଡ଼ାଟିକୁ ବିଛଣା ଆକାରରେ ବ୍ୟବହାର କରୁଥିଲେ । ଆଉ ଏକ କଣରେ ଶୁଖିଲା ରୋଟିଟିଏ ପଡ଼ିଥିଲା ଯାହାକୁ ସେ ଜଳ ସହିତ ହଜରତ୍ ଉମର୍ ର:ଅଙ୍କ ଆତିଥ୍ୟରେ ପରସି ଦେଇଥିଲେ । ହଜରତ୍ ଉମର୍ ର:ଅ ଏହି ଦୃଶ୍ୟ ଦେଖି ଭାବ ପ୍ରବଣ ହୋଇ କାନ୍ଦି ପକାଇଲେ ସେଥିଅନ୍ତେ ହଜରତ ଅବୁ ଉବୈଦାଃ ର:ଅଙ୍କୁ ପାଛୋଟି ନେଇ କୁଣ୍ଢେଇ ଧରିଥିଲେ ଓ କହିଲେ ତୁମେ ମୋର ଭାଇ ।

ତୁମ ବ୍ୟତୀତ ଆମ ସାଥିମାନଙ୍କ ମଧ୍ୟରୁ ଏପରି କିଏ ନଥିବେ ଯିଏ ଏ ସାଂସାରିକ ବସ୍ତୁରୁ କିଛି ହାସଲ ନ କରିଥିବେ । ଏଥିରେ ହଜରତ ଅବୁ ଉବୈଦାଃ ର:ଅ କହିଲେ ମୁଁ ଆପଣଙ୍କୁ ପୂର୍ବରୁ ହିଁ କହିନଥିଲି ଯେ ଆପଣ ମୋ ଅବସ୍ଥା ଦେଖି ନିଜକୁ ସମ୍ଭାଳି ପାରିବେନାହିଁ ।

ତା'ପରେ ହଜରତ୍ ଉମର୍ ର:ଅ ଶିବିର ମଧ୍ୟରୁ ବାହାରି ଆସି ଲୋକମାନଙ୍କ ଗହଣରେ ଛିଡ଼ା ହୋଇ ପ୍ରଥମେ ପ୍ରଭୁଙ୍କର ମହିମା ଗାନ କରିଥିଲେ । ହଜୁର ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିଥିଲେ ସେଥିଅନ୍ତେ କହିଲେ ଯେ, ହେ ଇସ୍‌ଲାମ୍‌ର ଅନୁଗାମୀମାନେ ସୁନିଶ୍ଚିତ ରୂପେ ଅଲ୍ଲାଃ ନିଜ ପ୍ରତିଶ୍ରୁତି ପୂରଣ କରିଦେଇଛନ୍ତି ସେ ଶତ୍ରୁ ମୁକାବିଲାରେ ତୁମର ବିଶେଷ ସାହାଯ୍ୟ ସହଯୋଗ କରିଛନ୍ତି ତୁମକୁ ଏହି ଦେଶର ଉତରାଧିକାରୀ କରିଦେଇଛନ୍ତି । ଭୂପୃଷ୍ଠରେ ତୁମମାନଙ୍କୁ ଗୌରବ ଓ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ସୁତରାଂ ତୁମମାନଙ୍କୁ ନିଜ ପାଳନକର୍ତାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ । ତୁମେମାନେ ଅମାନ୍ୟକାରୀଙ୍କଠାରୁ ଦୁରେଇ ରୁହ କାରଣ ଅମାନ୍ୟକାରୀମାନେ ପ୍ରଭୁଙ୍କ ପୁରସ୍କାରର କୃତଜ୍ଞତା ଜ୍ଞାପନ କରିନଥାନ୍ତି ଏଭଳି ଖୁବ୍ କମ୍ ଦେଖିବାକୁ ମିଳିଥାଏ ଯେ ପ୍ରଭୁ କୌଣସି ଜାତିକୁ ପୁରସ୍କୃତ କରିଥାନ୍ତି ଏବଂ ସେମାନେ ତାହାକୁ ଅକୃତଜ୍ଞତା କରିବା ପରେ ଯଦି ସେମାନେ ଯଥା ଶିଘ୍ର କ୍ଷମା ଜାଚନା ନ କରିଥାନ୍ତି ତା'ହେଲେ ସେହି ପରାକ୍ରମୀ ପ୍ରଭୁ ତାଙ୍କର ମର୍ଯ୍ୟାଦା କ୍ଷୁଣ୍ଣ କରିଦେଇଥାନ୍ତି । ତାଙ୍କର ଅସ୍ତିତ୍ୱକୁ ସମାପ୍ତ କରିଦେଇଥାନ୍ତି । ଅର୍ଥାତ ଯଦି କ୍ଷମାଜାଚନା ନ କରନ୍ତି ଅମାନ୍ୟକାରୀମାନେ ତେବେ ସେମାନଙ୍କ ଅକୃତଜ୍ଞତା ବଶତଃ ସେମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଯାଇଥାଏ । ସେମାନଙ୍କୁ ଯେଉଁ ପୁରସ୍କାର ମିଳିଥାଏ ତାହା ପ୍ରଭୁ ଫେରସ୍ତ ନେଇଯାଇଥାନ୍ତି । ସେମାନଙ୍କ ଉପରେ ଶତ୍ରୁଙ୍କୁ ପ୍ରଭୁତ୍ୱ ପ୍ରଦାନ କରିଦେଇଥାନ୍ତି । ଯେହେତୁ ଏଲିଯାର ଅଧିକାଂଶ ଅଫିସର, ସେନା ଓ ଅମିର ପାହ୍ୟାର ଲୋକ ଥିଲେ ତେଣୁ ହଜରତ୍ ଉମର୍ ର:ଅ ଅନେକ ଦିନ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିଥିଲେ ଏବଂ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ପ୍ରଣୟନ କରିଥିଲେ ।

ଏକଦା ହଜରତ ବିଲାଲ ର:ଅ ଏହି ଅଭିଯୋଗ କରିଥିଲେ ଯେ ଅଫିସରମାନେ ସ୍ୱାଦିଷ୍ଟ ଓ ଉତମ ବ୍ୟଞ୍ଜନ ସେବନ କରୁଛନ୍ତି । ଯେବେ କି ସାଧାରଣ ମୁସଲମାନମାନଙ୍କୁ ତ ସାମାନ୍ୟତମ ଖାଦ୍ୟ ମଧ୍ୟ ଉପଲବ୍ଧ ନାହିଁ । ଏଥି ସଂକ୍ରାନ୍ତରେ ହଜ୍‌ରତ୍ ଉମର୍ ର:ଅ ଅନୁସନ୍ଧାନ କରିବାରୁ ଜଣାଗଲା ଯେ, ହଜାୟ୍'ରେ ଖାଦ୍ୟ ସାମଗ୍ରୀର ଦରଦାମ ବେଶ ଶସ୍ତା । ତେଣୁ ଏଠାରେ ଯେତିକି ମୂଲ୍ୟରେ ରୁଟି ଏବଂ ଖଜୁରୀ ମିଳିଥାଏ, ସେତିକି ମୂଲ୍ୟରେ ପକ୍ଷୀମାଂସ ଓ ମଇଦା ମଧ୍ୟ ମିଳିଥାଏ । ଆପଣ ଅଫିସରମାନଙ୍କୁ ଏପରି ଖାଇବା ପିଇବା ଉପରେ ପ୍ରତିବନ୍ଧକ ଲଗାଇବା ପରିବର୍ତେ ଗରିବ ମୁସଲମାନମାନଙ୍କ ପାଇଁ ତାଙ୍କର ଆବଶ୍ୟକୀୟ ସାମଗ୍ରୀର ଏକ ବଜେଟ୍ ପ୍ରସ୍ତୁତ କରିଥିଲେ ଏବଂ ବୈତୁଲ୍ ମାଲ୍‌ରୁ ସେହି ସାମଗ୍ରୀମାନ ଉପଲବ୍ଧ କରାଇବାର ବ୍ୟବସ୍ଥା କରିଥିଲେ । ଏହାର ଅଧିକ ବ୍ୟାଖ୍ୟା ଗୋଟିଏ ସ୍ଥାନରେ ଏଭଳି ବର୍ଣ୍ଣିତ ରହିଛି ଯେ, ୟଜିଦ୍ ବିନ୍ ଅବୁ ସୁଫିୟାନ୍ କହିଲେ ଆମ ସହରରେ ସାମଗ୍ରୀର ଦରଦାମ ବେଶ ଶସ୍ତା ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ଯଦି ଏପରି କଥା ତେବେ ଖୁବ୍ ଆନନ୍ଦ ଉଲ୍ଲାସ ସହିତ ପେଟ ଭରି ଖାଦ୍ୟ ସେବନ କର ମୁଁ ସେ ପର୍ଯ୍ୟନ୍ତ ଏଠାରୁ ପ୍ରତ୍ୟାବର୍ତନ କରିବି ନାହିଁ ଯେପର୍ଯ୍ୟନ୍ତ ତୁମେ ମୋ ନିକଟରେ ସାମଗ୍ରୀର ଦରଦାମର ସୂଚି ଉପସ୍ଥାପନ ନ କରିଛ । ମୁଁ ସହର ଓ ଗ୍ରାମାଚଂଳରେ ବସବାସ କରୁଥିବା ସାଧାରଣ ଓ ଦୁର୍ବଳ ଜନତାଙ୍କ ପାଇଁ ଏକ ବଜେଟ ପ୍ରସ୍ତୁତ କରିଦେବି ସେଥିଅନ୍ତେ ଯେଉଁ ମୁସଲମାନମାନଙ୍କର ଯେଉଁଭଳି ଆବଶ୍ୟକତା ରହିଛି ସେହିପରି ବଜେଟରୁ ପ୍ରତ୍ୟେକ ଘର ପାଇଁ ଗହମ, ଯଅ, ମହୁ, ଜୈତୁନ୍ (Olive oil)ଆଦି ଖାଦ୍ୟସାମଗ୍ରୀ ପ୍ରଦାନ କରାଯିବ । ସେଥିଅନ୍ତେ ଆପଣ ସେହି ସ୍ୱଚ୍ଛ ସମ୍ବଳଧାରୀ ମୁସଲମାନମାନଙ୍କୁ କହିଲେ, ତୁମମାନଙ୍କ ପାଇଁ ଯେଉଁ ବଜେଟ ପ୍ରସ୍ତୁତ କରାଯାଇଛି ସେଥିମୁତାବକ ତୁମ ସରଦାରମାନେ ତାହା ତୁମକୁ ଯୋଗାଇ ଦେବେ ଏହି ସବୁ ସାମଗ୍ରୀ ସେଥିବ୍ୟତିତ ହେବ ଯାହାକି ବୈତୁଲ୍ ମାଲରୁ ତୁମମାନଙ୍କ ପାଇଁ ଧାର୍ଯ୍ୟ ବଜେଟ ମୋ ନିକଟରୁ ତୁମମାନଙ୍କୁ ପ୍ରେରଣ କରାଯିବ । ଯଦି କୌଣସି ସରଦାର ଏହି ସମସ୍ତ ସାମଗ୍ରୀ ଉପଲବ୍ଧ ନ କରନ୍ତି ତେବେ ତୁମେ ସିଧାସଳଖ ମତେ ସୁଚିତ କରିବ ମୁଁ ତାହାକୁ ସଙ୍ଗେ ସଙ୍ଗେ ନିଲମ୍ବିତ କରିଦେବି ।

ଦିନେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କ ଅନୁରୋଧ ରକ୍ଷା କରି ହଜରତ ବିଲାଲ ର:ଅଙ୍କୁ ଅଜାନ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଯେତେବେଳେ ହଜରତ ବିଲାଲ୍ ର:ଅ ଅଜାନ୍ ଦେଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ସଭିଙ୍କୁ ହଜୁର ସ:ଆ:ସ ସମୟ କାଳ ମନେ ପଡ଼ିଯାଇଥିଲା ଯଦ୍ୱାରା ସଭିଏଁ ନିରନ୍ତର ଭାବରେ ରୋଦନ କରିଚାଲିଥିଲେ । ହଜରତ ଉମର୍ ର:ଅ ଏତେ କାନ୍ଦିଲେ ଯେ ତାଙ୍କର ଗଳା ରୁଦ୍ଧ ହୋଇଗଲା ଏହାର ପ୍ରଭାବ ବହୁ ଦିନ ପର୍ଯ୍ୟନ୍ତ ରହିଲା ବଇତୁଲ୍ ମୋକଦସ୍‌ରୁ ଲେଉଟିବା ସମୟରେ ହଜରତ ଉମର ର:ଅ ସମଗ୍ର ଦେଶକୁ ଗସ୍ତ କଲେ ଏବଂ ସୀମାନ୍ତ ଅଂଚଳ ଗୁଡ଼ିକ ପରିଦର୍ଶନ କରି ଦେଶର ସୁରକ୍ଷା ବ୍ୟବସ୍ଥା କଲେ । ***(ଅଲ୍‌ଫାରୁକ୍ ଅକ୍ ଶିବ୍‌ଲି ନୁମାନି, ପୃ-୧୨୫-୧୨୬..... ଇଦାରା ଇସ୍‌ଲାମିୟାତ୍ ୨୦୦୪) (ଫତହୁସ୍ ଶାମ୍...... ଖଣ୍ଡ-୨, ପୃ-୨୨୪.......୨୦୦୮) (ଖୋଲଫାଏ ରାଶେଦିନ୍........ ପୃ-୧୨୬-୧୨୭)***

ବୈତୁଲ୍ ମୁକଦସ୍‌ରୁ ପ୍ରତ୍ୟାବର୍ତନ କରିବା ପୂର୍ବରୁ ହଜ୍‌ରତ୍ ଉମର୍ ର:ଅ ଯେଉଁ ମାର୍ଗ ଦେଇ ଆଗମନ କରିଥିଲେ ସେହି ମାର୍ଗ ଦେଇ ମଦିନା ପ୍ରସ୍ଥାନ କରିଗଲେ ଯଦିଚ ଜାବିୟାରେ ପହଂଚି ଆପଣ କିଛି କାଳ ଅବସ୍ଥାନ କରିଥିଲେ କିନ୍ତୁ ପରେ ନିଜ ବାହନରେ ହିଁ ମଦିନା ଫେରିଯାଇଥିଲେ । ହଜ୍‌ରତ୍ ଉମର୍ ର:ଅ ଫିଲିସ୍ତିନ୍‌ରେ ଯେଉଁ କାର୍ଯ୍ୟ ସମ୍ପାଦନ କରିଥିଲେ ତାହାର ଖବର ହଜରତ ଅଲୀ ର:ଅ ଓ ଅନ୍ୟ ମୁସଲମାନମାନଙ୍କୁ ମିଳିଯାଇଥିଲା ସୁତରାଂ ମଦିନାରେ ପହଂଚିବା କ୍ଷଣି ସେମାନେ ଆପଣଙ୍କର ଭବ୍ୟ ସ୍ୱାଗତ କରିଥିଲେ । ***(ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୮୨.... କୁତୁବ୍ ଖାନା ଲାହୋର୍)***

ଆପଣ ମଦିନାରେ ପହଂଚିବା ପରେ ସଙ୍ଗେ ସଙ୍ଗେ ମସଜିଦ ନବୱି ଚାଲିଯାଇଥିଲେ ସେଠାରେ ଦୁଇ ରେକାତ ନମାଜ ପାଠ କଲେ ଏବଂ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ ହେ ମୁସଲମାନମାନେ ! ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କର, ତାଙ୍କର ପ୍ରଶଂସା ଗାନ କର ସେ ତୁମକୁ ଆହୁରି ଅଧିକ ପ୍ରଦାନ କରିବେ । ତାଙ୍କର ସେହି ଅନୁଗ୍ରହ ପ୍ରତି କୃତଜ୍ଞତା ଜ୍ଞାପନ କର ଯାହା ସେ ତୁମମାନଙ୍କୁ ପ୍ରଦାନ କରିସାରିଛନ୍ତି । ଏତଦ୍‌ଦ୍ୱାରା ସେ ସର୍ବଦା ନିଜ ପୁରସ୍କାର ଦ୍ୱାରା ତୁମମାନଙ୍କୁ ଉପକୃତ କରିଚାଲିଥିବେ । ପ୍ରଭୁ ତୁମମାନଙ୍କୁ କୃତଜ୍ଞକାରୀ କରିଦିଅନ୍ତୁ । ତା'ପରେ ଆପଣ ମଂଚ ଉପରୁ ଓହ୍ଲାଇ ଆସିଥିଲେ । ***(ଅଲ୍‌ଇକ୍‌ତଫା....... ଖଣ୍ଡ-୨, ଭାଗ-୧, ପୃ-୩୦୫-୩୦୬........ ବେରୁତ ୧୯୯୭)***

ଯମାତ୍ ଅମେହଦିୟାର ପ୍ରଥମ ଖଲିଫା କୁହନ୍ତି: ଯେତେବେଳେ ଖ୍ରୀଷ୍ଟଧର୍ମାଲମ୍ବୀମାନେ ଆପଣଙ୍କୁ ଅତି ସାଧା ପୋଷାକରେ ଦେଖିଲେ ସେତେବେଳେ ସହରର ଚାବି ଫିଙ୍ଗି ଦେଇଥିଲେ ଏବଂ କହିଥିଲେ ଏହି ସେନାଧକ୍ଷର ମୁକାବିଲା କରିବା ଆମ ସମ୍ବଳ ବାହାରେ ଅର୍ଥାତ ଏହି ସେନାଧକ୍ଷର ତ ଆମେମାନେ କଦାପି ମୁକାବିଲା କରିପାରିବୁନାହିଁ । ***(ହକାଇକୁଲ୍ ଫୁର୍‌କାନ୍ ଖଣ୍ଡ-୨, ପୃ-୧୭୪)***

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଏ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ହଜରତ ଉମର୍ ର:ଅ ସେଠାରେ ପହଂଚି ସର୍ବପ୍ରଥମେ ହଜ୍‌ରତ୍ ଉମର୍ ର:ଅ ମସଜିଦ୍ ଅକ୍‌ସା ଗଲେ, ସେଥିଅନ୍ତେ ଖ୍ରୀଷ୍ଟଧର୍ମୀ ଗିର୍ଜାର ପରିକ୍ରମଣ କରିଥିଲେ ସେତିକିବେଳେ ନାମଜ ପାଠ କରିବାର ସମୟ ଆସିଯିବାରୁ ଖ୍ରୀଷ୍ଟଧର୍ମୀମାନେ ମଧ୍ୟ ନିଜ ଗିର୍ଜାରେ ଆପଣଙ୍କୁ ନମାଜ ପାଠ କରିବାର ଅନୁମତି ପ୍ରଦାନ କରିଥିଲେ । ତଥାପି ଆପଣ ଏହି ଚିନ୍ତାରେ କି ଆସନ୍ତା ପିଢ଼ି ଭବିଷ୍ୟତରେ ଆପଣଙ୍କର ଏହି ଅମଳକୁ ଦୃଷ୍ଟାନ୍ତ ସ୍ୱରୂପ ଖ୍ରୀଷ୍ଟଧର୍ମୀଙ୍କ ଉପାସ୍ୟ ସ୍ଥଳୀକୁ କୌଣସି ପ୍ରକାର ହସ୍ତକ୍ଷେପ ନ କରନ୍ତୁ । ଆପଣ ବାହାରକୁ ଚାଲିଯାଇ ନମାଜ ପାଠ କରିଥିଲେ ।" ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୧୧, ପୃ-୪୩୭)***

**କ୍ରମଶଃ......**

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**